## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ଆନନ୍ଦପୁର/ଘସିପୁରା,(ସ୍ବ.ପ୍ର./ଡି.ଏନ୍.ଏ): କେନ୍ଦୁଝର ଜିଲା ଘସିପୁରା ତହସିଲ ଅଧୀନ କୁମୁଣିଆ ଘାଟରୁ ବେଆଇନ୍ ବାଲିଚାଲାଣ ଅଭିଯୋଗରେ ଘସିପୁରା ପୋଲିସ ୨ ଟ୍ରାକ୍ଟରକୁ ଜବତ କରିଛି। ଜବତ ଟ୍ରାକ୍ଟର ସମ୍ପର୍କରେ ଥାନା ପକ୍ଷରୁ ଘସିପୁରା ତହସିଲକୁ ସୂଚନା ଦିଆଯାଇଥିଲା। ତହସିଲ ଗୋଟିଏ ଟ୍ରାକ୍ଟର ମାଲିକଙ୍କ ନିକଟରୁ ୧୫ ହଜାର ଜରିମାନା ଆଦାୟ କରି ଛାଡ଼ିଥିଲେ। ଅନ୍ୟ ଟ୍ରାକ୍ଟରଟି ଥାନା ପରିସରରେ ଥିବା ଘସିପୁରା ଥାନା ଅଧିକାରୀ ବିକ୍ରମ ଭୂୟାଁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଧୃର୍ପଦା ଓଭରବ୍ରିଜ୍‌ରେ ଲାଇଟ୍ ଜଳିଲା

କେନ୍ଦୁଝର,୧୮।୧୧ (ସ୍ବ.ପ୍ର.) : କେନ୍ଦୁଝର ଜିଲା ଧୃର୍ପଦା ଓଭରବ୍ରିଜ୍, ସର୍ଭିସ ରୋଡ୍ ଓ ମୁଖ୍ୟ ରାସ୍ତାରେ ଦୀର୍ଘ ମାସ ଧରି ଅଚଳ ହୋଇଥିବା ଷ୍ଟ୍ରିଟ୍ ଲାଇଟ୍ ଶୁକ୍ରବାର ଜଳିଛି। ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ୨ ହାଇମାଷ୍ଟ ଲାଇଟ୍, ୩୫ଟି ଷ୍ଟ୍ରିଟ୍ ଲାଇଟ୍ ମରାମତି କରାଯାଇଛି। ଲାଇଟ୍ ଅଚଳ ଯୋଗୁ ଧୃର୍ପଦା ଓଭରବ୍ରିଜ୍, ସର୍ଭିସ ରୋଡ୍ ଓ ମୁଖ୍ୟ ରାସ୍ତା ଜାତୀୟ ରାଜପଥ ୪୯ ରାତ୍ରି ସମୟରେ ଅନ୍ଧକାରମୟ ହୋଇ ରହୁଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ଅଚଳ ଲାଇଟ୍‌କୁ ମରାମତି କରାଯାଇଛି।

### ପୁଣି ଫେରିଲେ ୨୪ ଟିକିଆ ହାତୀପଲ

ପାଟଣା,୧୮।୧୧(ସ୍ବ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ଶୁକ୍ରବାର ରାତିରେ ମୟୂରଭଞ୍ଜ ଜିଲା ବୋରିଂ ଅଞ୍ଚଳରୁ ୨୪ ଟିକିଆ ହାତୀପଲ ପ୍ରବେଶ କରିଛନ୍ତି। ହାତୀପଲ ବୁଧବାର ରାତିରେ ସାହାରପଡ଼ା ସେକ୍ସନ କୁଣ୍ଡଳା ଗ୍ରାମ ଖଡ଼ିବେଡ଼ା ସାହି ନାଳ ନିକଟରେ ରହିଥିଲେ। ସୂଚନାଯୋଗ୍ୟ, କିଛି ଦିନ ତଳେ ଉକ୍ତ ହାତୀପଲ ପାଟଣା ରେଞ୍ଜ ଅଞ୍ଚଳରେ ଫସଲ ନଷ୍ଟ କରିବା ସହ ଘର ଭାଙ୍ଗିଥିଲେ। ବନ କର୍ମଚାରୀଙ୍କୁ ନାକେଦମ କରିଥିବା ବେଳେ ଘଟଗାଁ ରେଞ୍ଜକୁ ଚାଲି ଯାଇଥିଲେ।

### ଛାତ୍ରଙ୍କୁ ଛୁରାମାଡ଼, ସହପାଠୀ ଅଟକ

ନୀଳଗିରି, ୧୮।୧୧(ସ୍ବ.ପ୍ର.)-ବାଲେଶର ଜିଲା ନୀଳଗିରି ଥାନା କଣ୍ଡିଆଟିକର ଛକରେ ଏକ ଅଭାବନୀୟ ଘଟଣା ଘଟିଛି। ଟ୍ୟୁଶନରେ ଫେରୁଥିବା ଜଣେ ଛାତ୍ରଙ୍କୁ ତାଙ୍କ ସହପାଠୀ ଛୁରାମାଡ କରିବାରୁ ସେ ଗୁରୁତର ହୋଇପଡିଛନ୍ତି। ତାଙ୍କ ବେକରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସାମାନ୍ୟ ବଚସାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି। ପୋଲିସ ଆକ୍ରମଣକାରୀ ଛାତ୍ରଙ୍କୁ ଥାନାକୁ ଡକାଇ ପଚରାଉଚୁରା କରୁଛି। ଖବର ଲେଖା ବେଳକୁ ଥାନାରେ ଆପୋଷ ସମାଧାନ ହୋଇଥିବା ଜଣାପଡିଛି।

### ଗଞ୍ଜେଇ ଜବତ, ୨ ଗିରଫ

ବୈଶିଙ୍ଗା,୧୮।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ଦୀର୍ଘ ଦିନ ଧରି ବ୍ୟାପକ ମାତ୍ରାରେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ପୋଲିସକୁ ମିଳିଛି ସଫଳତା। ଏକ ଘରୋଇ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ବୈଶିଙ୍ଗା ବସ୍ ଷ୍ଟାଣ୍ଡରେ ଜଗି ରହିଥିଲା। ସନ୍ଧ୍ୟାରେ ଏକ ନିର୍ଦ୍ଦିଷ୍ଟ ବସ୍‌ରୁ ଜିନିଷ ପତ୍ର ଧରି ଓହ୍ଲାଇଥିବା ଶିଳପୁରିଆ ଗ୍ରାମର କରୁଣାକର ସାମଲ (୫୬) ଓ ନାଖରା ଗ୍ରାମର ଭାସ୍କର ଦାସ (୩୭) ନାମକ ଦୁଇ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୋଲିସ ଥାନାକୁ ନେଇ ଯାଇଥିଲା। ସେଠାରେ ଉଭୟଙ୍କ ଜିନିଷ ପତ୍ର ଯାଞ୍ଚ କରିବା ସମୟରେ ଏକ କେଜିରୁ ଉର୍ଦ୍ଧ୍ୱ ଚୋରା ଗଞ୍ଜେଇ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା(ନଂ.୩୬୯/୨୨) ରୁଜୁ ହେବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଶହୀଦ ସଂଗ୍ରାମୀଙ୍କ ପୁତ୍ର ବିୟୋଗ

ଭଦ୍ରକ ଅଫିସ,୧୮।୧୧-ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ଅର୍ଣ୍ଣପାଳ ପଞ୍ଚାୟତ ରାଜୁଆଳିବିନ୍ଧା ଗାଁର ଶହୀଦ ସ୍ୱାଧୀନତା ସଂଗ୍ରାମୀ ଶ୍ୟାମ ମହାଳିକଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ମହାଳିକ(୮୪)ଙ୍କ ଗୁରୁବାର ସନ୍ଧ୍ୟାରେ ପରଲୋକ ହୋଇଛି। ସେ ଏକ ବର୍ଷରୁ ଉର୍ଦ୍ଧ୍ୱ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁ ଖବର ପାଇ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ମନୋଜ ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ତାଙ୍କ ଘରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କର ଏକମାତ୍ର ପୁତ୍ର ଅକ୍ଷୟ କୁମାର ମହାଳିକ ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ପୂର୍ଣ୍ଣଚନ୍ଦ୍ରଙ୍କୁ ୪ବର୍ଷ ବୟସ ହୋଇଥିବା ବେଳେ ତାଙ୍କ ପିତା ଲୁଣିଆ ଗୁଳିକାଣ୍ଡରେ ଶହୀଦ ହୋଇଥିଲେ। ସେତେବେଳେ ଶହୀଦଙ୍କ ପୁତ୍ର ଭାବେ ପୂର୍ଣ୍ଣଚନ୍ଦ୍ରଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଯୋଜନାରେ ସାମିଲ କରାଯାଇଥିଲା। ସେବେଠାରୁ ସେ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପାଇ ଆସୁଥିଲେ।

# ‘କଳା, ସଂସ୍କୃତିର ପରିଚୟ ମୟୂରଭଞ୍ଜ ମହୋତ୍ସବ’

ବାରିପଦା ଅଫିସ,୧୮।୧୧

ବଣ ଜଙ୍ଗଲ ପରିବେଷ୍ଟିତ ମୟୂରଭଞ୍ଜ ଜିଲା କଳା ଓ ସଂସ୍କୃତି ପାଇଁ ବିଶ୍ୱ ଦରବାରରେ ପ୍ରସିଦ୍ଧ। ଜିଲାର କୋଣ ଅନୁକୋଣରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହିତ ଏହାର ବିକାଶ ପାଇଁ ୫ବର୍ଷ ଧରି ପ୍ରୟାସ ଚାଲି ଆସୁଛି। ଜିଲା ତଥା ରାଜ୍ୟ ଓ ରାଜ୍ୟ ବାହାରୁ ଆଦିବାସୀ ନୃତ୍ୟ, ସଙ୍ଗୀତ ଓ ପରମ୍ପରାର ଝଲକ ପରିବେଷଣ ହେବା ସହିତ ନାମିଦାମୀ କଳାକାରମାନଙ୍କୁ ନେଇ ସପ୍ତାହ ବ୍ୟାପୀ ବାରିପଦା ସ୍ଥିତ ଐତିହାସିକ ଛଉ ପଡ଼ିଆରେ ମୟୂରଭଞ୍ଜ ମହୋତ୍ସବ ଅନୁଷ୍ଠିତ ହେବ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିବ। ଏ ନେଇ ସହର ଉତ୍ସବ ମୁଖରିତ ହୋଇ ପଡୁଥିବା ବେଳେ ମହୋତ୍ସବ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆଗେଇ ଚାଲିଛି ।

ଚଳିତ ବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିଛି ଦେବକୁଣ୍ଡ ପର୍ଯ୍ୟଟନ ସ୍ଥଳୀ। କାଚକେନ୍ଦୁ ପାଣିରେ


ମହୋତ୍ସବରେ ଶୋଭା ପାଇବାକୁ ଥିବା ଦେବକୁଣ୍ଡ ପର୍ଯ୍ୟଟନସ୍ଥଳୀ ସଦୃଶ ତୋରଣ।

ସୂର୍ଯ୍ୟଙ୍କ ସୁନେଲୀ କିରଣ ପଡ଼ି ଝଲମଲ କରୁଥିବା ମନଲୋଭା ଦୃଶ୍ୟକୁ ତୋରଣ ମାଧ୍ୟମରେ ସ୍ଥାନିତ କରାଯାଇଛି। ଏହି ମହୋତ୍ସବ ଆସନ୍ତା ୨୦ତାରିଖରୁ ଆରମ୍ଭ ହୋଇ ୨୭ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଆଦିବାସୀ ପରମ୍ପରାକୁ ନେଇ ଦୁଇ ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରଖାଯାଇଛି। ଜିଲାର ସାନ୍ତାଳୀ କଳାକାରଙ୍କ ସମେତ ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଓ ଆସାମର ସାନ୍ତାଳୀ କଳାକାର ନିଜ କଳା ମାଧ୍ୟମରେ ଜିଲାବାସୀଙ୍କୁ ବିମୋହିତ କରିବେ। ସେହିଭଳି ଜିଲାର ଝୁମର କଳାକାରଙ୍କ ସମେତ ପ୍ରତିଷ୍ଠିତ ଗାୟିକା ଉର୍ମିଳା ମହାନ୍ତଙ୍କ ସ୍ୱର ଓ ତାଳରେ ଦର୍ଶକମାନେ ଝୁମିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଆ ସିନେ ତାରକା ଉତ୍ତମ ମହାନ୍ତି, ବାବୁସାନ, ଅସିତ ପତି, ପପୁ ପମପମ, ସ୍ୱରାଜ ବାରିକ, ସନମିରା, ଅନିମେଶ ଘୋଷ, ଗାୟକ ମଣ୍ଟୁ ଛୁରିଆ, ସ୍ୱୟଂ ପାଢୀ, ଅର୍ପିତା ଚୌଧୁରୀଙ୍କୁ ନେଇ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉତ୍ସବରେ ଜିଲାର ହସ୍ତଶିଳ୍ପଠାରୁ ଆରମ୍ଭ କରି କୁଟୀର ଶିଳ୍ପ, ଖେଳନାରୁ ଆରମ୍ଭ କରି ପୋଷାକ ଓ ଘରୋଇ ଉପକରଣ ଏବଂ ପାରମ୍ପରିକ ଖାଦ୍ୟ ସହ ମୁଢି ମାଂସର ମଜା ଉଠାଇ ପାରିବେ ଦର୍ଶକ। ୧୫୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲିବା ନେଇ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୟୂରଭଞ୍ଜ ମହୋତ୍ସବ ଆୟୋଜକ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଭାପତି ଅସିତ ପତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡେଇ, ଉମେଶ ପଟ୍ଟନାୟକ, ପ୍ରସନ୍ନ ମହାପାତ୍ର, ଲଡ୍ଡୁ କିଶୋର ରଣା, ସୁଜିତ ମହାନ୍ତି, ସତ୍ୟଜିତ ସୋମ, ତାପସ କୁମାର ପାଢୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ଲାଲା


@ନରେଶ


@ସୁରେନ୍ଦ୍ର

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ମରୁଡ଼ି ଅଞ୍ଚଳ ଘୋଷଣା ଦାବି ନେଇ ରାସ୍ତାରେ ଚାଷୀ



ମରୁଡ଼ି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନୀଳଗିରି, ୧୮।୧୧(ସ୍ବ.ପ୍ର.)

### ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ମୌସୁମୀ ବର୍ଷା ଅଭାବ ଯୋଗୁ ଆଜି ସାରା ରାଜ୍ୟରେ ଚାଷୀକୁଳ ହତାଶ ହୋଇପଡିଛନ୍ତି। ବିଶେଷ କରି ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଏହାର ପ୍ରଭାବ ଅଧିକ। ଏହା ଏକ ପାହାଡ଼ିଆ ଅଞ୍ଚଳ। ଦେବଗିରି ପାହାଡ଼, କୁଲଡ଼ିହା ଅଭୟାରଣ୍ୟ, ବିଞ୍ଝାପିତ ଅଞ୍ଚଳକୁ ଲାଗି ସ୍ୱର୍ଣ୍ଣଚୂଡ଼ ପର୍ବତ। ପାହାଡ଼ପର୍ବତରୁ ପାଣି ସମୁଦ୍ରରେ ମିଶେ। ମାତ୍ର ଉକ୍ତ ପାଣିକୁ ଅଟକାଇବା ଭଳି କୌଣସି ନଦୀବନ୍ଧ ଯୋଜନା ନାହିଁ। ଦୁଇମାସ ଧରି ମୌସୁମୀ ବର୍ଷା ନ ହେବା ଯୋଗୁ ଧାନଫସଲ ୯୦ଭାଗ ଉଜୁଡିବାକୁ ବସିଛି। ଗଛ ମରିଯାଇଥିବାବେଳେ ଏକର ଏକର ଜମିରେ ଧାନ ବାହାରି ପାରିନି। ବହୁ କ୍ଷେତରେ ଚକଡ଼ା ପୋକ ଲାଗି ନଷ୍ଟ ହୋଇଛି ତ ଆଉ କେଉଁଠି ହାତୀମାନେ ଉପଦ୍ରବ କରି ନଷ୍ଟ କରିଛନ୍ତି। ଚାଷୀକୁଳଙ୍କୁ ଉଦ୍ଧାର ପାଇଁ ସିପିଆଇ ନୀଳଗିରି ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଶତାଧିକ ଚାଷୀ ଶୋଭାଯାତ୍ରାରେ ନୀଳଗିରି ବଡ଼ଦାଣ୍ଡ ପରିକ୍ରମା କରି ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୃଷିଋଣ ଛାଡ଼ କରିବା ସହ ଚାଷୀଙ୍କ ପରିବାରଙ୍କୁ ସହାୟତା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ଜରିଆରେ ୯ଟି ବିଷୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ନୀଳଗିରି ଉପଖଣ୍ଡକୁ ମରୁଡ଼ି ଅଞ୍ଚଳ ଘୋଷଣା, ୨୦୧୯ର ବାକି ଥିବା ଇନପୁଟ ସବ୍‌ସିଡ଼ି ଓ ୨୦୨୧ର କୃଷି ବୀମା ରାଶି ଚାଷୀଙ୍କୁ ଦେବାରେ ବ୍ୟବସ୍ଥା, ରବିଚାଷ ପାଇଁ ଚାଷୀଙ୍କୁ ସବ୍‌ସିଡ଼ି ବିହନ ଓ କୃଷି ଋଣ, ମରୁଡ଼ି ଅଞ୍ଚଳର ମୂଲିଆଙ୍କୁ ଏମ୍‌ଜିଏନଆରଇଜିଏସ୍‌ରେ ୨୦୦ ଦିନର କାମ, ଗରିବ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ, ଚାଷୀଙ୍କଠାରୁ ସରକାରୀ ଧାର୍ଯ୍ୟ ଦରରେ ଧାନ ନିଜେ ସରକାର କିଣିବାର ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ। ଦାବିଗୁଡ଼ିକ କାର୍ଯ୍ୟକାରୀ ନ ହେଲେ ସିପିଆଇ, ନୀଳଗିରି ଆଞ୍ଚଳିକ କମିଟି ଗଣତାନ୍ତ୍ରିକ ପଦ୍ଧତିରେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସୂଚନା ଦେଇଛନ୍ତି। ସିପିଆଇର ରାଜ୍ୟ ସମ୍ପାଦକ ଅଭୟ ସାହୁ, ସର୍ବଭାରତୀୟ ସିପିଆଇର ସଭ୍ୟ ଆଶିଷ କାନୁନଗୋ, ଅନାମ ପ୍ରସାଦ ବାରିକ, ନିରଞ୍ଜନ ବାରିକ, କୈଳାସ ଚନ୍ଦ୍ର ପଣ୍ଡା, କରୁଣାକର ପରିଡା, ପୁରୁଷୋତ୍ତମ ସେଠୀ, ଦେବେନ୍ଦ୍ର ବେହେରା, ନିହାର ରଞ୍ଜନ ଜେନା, ହରେକୃଷ୍ଣ ପଣ୍ଡିତ, ହରେକୃଷ୍ଣ ରାଉତଙ୍କ ସମେତ ଶତାଧିକ ଚାଷୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## କଟକରୁ ଧରାପଡ଼ିଲେ ଅଭିଯୁକ୍ତ

### ମୋବାଇଲ ଟାୱାର ବସାଇବାକୁ କହି ଠକେଇ

ବୈଶିଙ୍ଗା,୧୮।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ତିଳଦା ଗ୍ରାମର ଜନୈକା ମହିଳାଙ୍କୁ ମୋବାଇଲ ଟାୱାର ବସାଇବାକୁ କହି ଟଙ୍କା ହଡ଼ପ ଘଟଣାରେ କଟକରୁ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ତିଳଦା ଗ୍ରାମର ସ୍ନେହାଶିଷ ପରିଡ଼ାଙ୍କ ସ୍ତ୍ରୀ ରୋଜାଲିନଙ୍କ ଘର ପଛପଟେ ଏକ କମ୍ପାନୀର ମୋବାଇଲ ଟାୱାର ବସାଇବାକୁ କହି କଟକ ସିଡିଏ ଅଞ୍ଚଳର ଗଣେଶ୍ୱର ସ୍ୱାଇଁଙ୍କ ପୁଅ ତପନ ୧୨ହଜାର ଟଙ୍କା ନେଇ ଯାଇଥିଲେ। ପରବର୍ତ୍ତୀ ସମୟରେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ବୈଶିଙ୍ଗା ପୋଲିସ ଏକ ମାମଲା(ନଂ.୩୧୭/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କଟକ ସିଡିଏ ଅଞ୍ଚଳରେ ଥିବା ତାଙ୍କ ଘରୁ ଗିରଫ କରିଥିବା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

# ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ

କେନ୍ଦୁଝର, ୧୮।୧୧ (ସ୍ବ.ପ୍ର.) : କେନ୍ଦୁଝର ସହରର କୃଷିବିଭାଗ ପୋଖରୀ ନିକଟ ମାଧପୁରଠାରେ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୋଲିସ ଉପସ୍ଥିତିରେ ଜେସିବି ମେସିନ ସହାୟତାରେ ଉକ୍ତ ସ୍ଥାନଟି ଖାଲି କରାଯାଇଛି। ଉକ୍ତ ସ୍ଥାନରେ ଉଦ୍ୟାନ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ନିର୍ମାଣ ହେବ। ଏ ନେଇ ୮୦ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଉଦ୍ୟାନ ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ନାମରେ ଖାତା ନଂ-୧, ପ୍ଲଟ୍ ନଂ. ୧୨୬ର ହାତିଆଟାଙ୍ଗର ମୌଜାରେ ୭୨ ଡିସିମିଲ ଜମି ରହିଛି। ରାଜସ୍ୱ ବିଭାଗ ପକ୍ଷରୁ ୩୦ ଜୁନ୍ ୧୯୯୮ରେ ଉକ୍ତ ଜମିକୁ ଉଦ୍ୟାନ ବିଭାଗ ନାମରେ ପଟ୍ଟା କରାଯାଇଛି। ବହୁ ବର୍ଷ ଧରି ଜାଗାଟି ଖାଲି ପଡ଼ିଥିବାବେଳେ ଜମିର ସମ୍ମୁଖରେ ହୋଟେଲ, ପାନଦୋକାନ ଏବଂ ଟାୟାର ମରାମତି ଦୋକାନ କରି କିଛି ଲୋକ ପରିବାର ପ୍ରତିପୋଷଣ କରୁଥିଲେ। ଉଚ୍ଛେଦ ପରେ ବ୍ୟବସାୟୀ ଥଇଥାନ ଦାବି କରିଛନ୍ତି।


ଜେସିବି ସହାୟତାରେ ଉଚ୍ଛେଦ କରାଯାଉଛି।

# କଳାବ୍ୟାଜ୍ ପରିଧାନ କଲେ ଆଉଟସୋର୍ସିଂ କର୍ମଚାରୀ

ଖଇରା, ୧୮।୧୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଆଉଟସୋର୍ସିଂ ଭଳି କୁତ୍ସିତ ଓ ଘୃଣ୍ୟ ପ୍ରଥା ପ୍ରତିବାଦରେ ଖଇରା ବ୍ଲକରେ କାର୍ଯ୍ୟରତ ଏହି ବର୍ଗର କର୍ମଚାରୀମାନେ ୧୪ତାରିଖରୁ କଳାବ୍ୟାଜ ପିନ୍ଧି ପ୍ରତିବାଦର ସ୍ୱର ଉତ୍ତୋଳନ ଉଠାଇଛନ୍ତି । ଯଦି ସରକାର ଏହା ଉପରେ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆସନ୍ତା ୨୬ତାରିଖଠାରୁ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦିଆଯିବ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଉକ୍ତ ପ୍ରତିବାଦାତ୍ମକ ଆନ୍ଦୋଳନରେ ବିଜୟକେତନ ବିଦ୍ୟାଧର ସାହୁ, ଅନନ୍ତ କୁମାର କୁଅଁର, ଜଗଦୀଶ ଗିରି, ଯମୁନା ଗିରି, ମୋନାଲିସା ମହାନ୍ତି, ସୁଶ୍ରୀ ସଙ୍ଗିତା ମୁଦୁଲି, ସୁଶାନ୍ତ ଓଝା, ଦିବ୍ୟଜ୍ୟୋତି ପତି ଓ ବିଭୂତି ଭୂଷଣ ମହାନ୍ତି ପ୍ରମୁଖ ସାମିଲ ହୋଇଛନ୍ତି।

# ଶହୀଦ ଯାଦବ ସୈନିକଙ୍କୁ ମନେ ପକାଇଲେ

ଭଦ୍ରକ ଅଫିସ,୧୮।୧୧

ଭଦ୍ରକ ଜିଲା ଯାଦବ ମହାସଭା ପକ୍ଷରୁ ସ୍ଥାନୀୟ ହାପିହୋମ୍ ସ୍କୁଲଠାରେ ଶୁକ୍ରବାର ସୌର୍ଯ୍ୟ ଦିବସ ପାଳିତ ହୋଇଯାଇଛି। ଜିଲା ଯାଦବ ସଭାପତି ସୁଧାଂଶୁ ନାୟକଙ୍କ ସଭାପତିତ୍ୱରେ ଜିଲା ସମ୍ପାଦକ ଦିଲୀପ ନାୟକ, ରାଜ୍ୟ ଯୁବ ସମ୍ପାଦକ ଅମର ନାୟକ, ଜିଲା ଯୁବ ଯାଦବ ସଭାପତି ରବିନାରାୟଣ ଖିଲାର, କୋଲକାତା ଯାଦବ ସଭାପତି ହରେକୃଷ୍ଣ ପଲେଇ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ୧୯୬୨ରେ ଭାରତ ଓ ଚାଇନା ଯୁଦ୍ଧରେ ୧୧୪ଜଣ ଯାଦବ ସୈନିକ ଏହି ଦିନରେ ଶହୀଦ ହୋଇଥିଲେ। ସେହି ଲଢୁଆ ବୀର ଯାଦବ ସୈନିକଙ୍କ ସ୍ମୃତି ଉଦେଶ୍ୟରେ ସଭା କରାଯାଇଥିଲା। ଅହିର୍ ରେଜିମେଣ୍ଟ ଆମର ଦାବି ବୋଲି ଭଦ୍ରକ ଜିଲା ଯାଦବମାନେ ସ୍ଲୋଗାନ ଦେଇଥିଲେ। ଯାଦବଙ୍କୁ ନେଇ ଜନଗଣନା କରାଯିବାକୁ ସେମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ସଭାପତି ଧ୍ରୁବ ବାରିକ, ଭାଗୀରଥି ପଲେଇ, ମାଧବ ଖଟୁଆ, ସତ୍ୟମୂର୍ତ୍ତି ବେହେରା, ବସନ୍ତ ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।



ସୌର୍ଯ୍ୟ ଦିବସ ପାଳନ ଅବସରରେ ଜିଲା ଯାଦବ ମହାସଭା କର୍ମକର୍ତ୍ତା ଓ ଅନ୍ୟମାନେ।

# ବାଲେଶ୍ୱର ପୁରୁଷ ଦଳ ଚାମ୍ପିୟନ, ମହିଳା ଦଳ ରନର୍ସ ଅପ୍

- ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା
- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଖେଳାଳି, ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ, ୧୮।୧୧

ବାଲେଶ୍ୱର ଜିଲା ପୁରୁଷ ଓ ମହିଳା ଖୋଖୋ ଟିମ୍‌କୁ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ୧୩ରୁ ୧୫ ତାରିଖ ମଧ୍ୟରେ ପୁରୀରେ ଆୟୋଜିତ ୫୫ତମ ରାଜ୍ୟସ୍ତରୀୟ ଖୋଖୋ ଚାମ୍ପିୟନଶିପ୍‌ର ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ବାଲେଶ୍ୱର ପୁରୁଷ ଦଳ ଭୁବନେଶ୍ୱରର କିଟସ ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ମହିଳା ଦଳ କିଟ୍‌ସଠାରୁ ମାତ୍ର ୧ ପଏଣ୍ଟରେ ହାରି ରନର୍ସଅପ ମାନ୍ୟତା ପାଇଛନ୍ତି। ଆସନ୍ତା ୨୦ ତାରିଖରୁ ମହାରାଷ୍ଟ୍ରର ଓସମାନବାଦଠାରେ ହେବାକୁ ଥିବା ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ବାଲେଶ୍ୱରର ଖେଳାଳି ଜଗନ୍ନାଥ ମୁର୍ମୁ, ଲିପୁନ ମୁଖୀ, ଦିବ୍ୟରଞ୍ଜନ ସିଂ, ଶୁକନାଥ ଟୁଡୁ ଓ ସିଦ୍ଧେଶ୍ୱର ଟୁଡୁ ପ୍ରମୁଖ ୫ଜଣ ପୁରୁଷ ଏବଂ ପ୍ରିୟଙ୍କା ସିଂ, ରଞ୍ଜିତା ବାରିକ, ପୁଷ୍ପା ମହାନ୍ତି, ଆଶା ମାରାଣ୍ଡି ଓ ପ୍ରତିମା ଦେ ପ୍ରମୁଖ ୫ଜଣ ମହିଳା ଖେଳାଳି ଓଡ଼ିଶା ରାଜ୍ୟ ଦଳରେ ସାମିଲ ହୋଇଛନ୍ତି।

ଉଭୟ ପୁରୁଷ ଓ ମହିଳା ବାଲେଶ୍ୱର ଫେରିବା ପରେ ସମସ୍ତ ଖେଳାଳିଙ୍କ ସମେତ ପ୍ରଶିକ୍ଷକ ମଳୟ ରଞ୍ଜନ ବେହେରାଙ୍କୁ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ପରମିଟ୍ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଧୀପ ଦାସ ଓ ସାଧାରଣ ସମ୍ପାଦକ ଅଭୟ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରଶିକ୍ଷକ ବେହେରା ଓ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ତେବେ ଭିତ୍ତିଭୂମି ନ ଥିବା ସତ୍ତ୍ୱେ ବାଲେଶ୍ୱରର ଖୋ ଖୋ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେଇ ରାଜ୍ୟ ଓ ଜାତୀୟସ୍ତରରେ କୃତିତ୍ୱ କରିବା କେବଳ କୋଚ୍ ମଳୟ ରଞ୍ଜନ ବେହେରାଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ଜିଲା କ୍ରୀଡ଼ାସଂଘର କାର୍ଯ୍ୟକାରୀ ସଭାପତି ଦାସ କହିଛନ୍ତି। ଏଭଳି ପ୍ରଶିକ୍ଷକଙ୍କୁ ସରକାରଙ୍କ ପକ୍ଷରୁ କୌଣସି କ୍ଷେତ୍ରରେ ନିଯୁକ୍ତ ବ୍ୟବସ୍ଥା କରାଗଲେ ଆଗାମୀ ଦିନରେ ସେ ଉତ୍ସାହିତ ହୋଇ ଏହି କ୍ରୀଡ଼ାକୁ ଆଗକୁ ନେଇପାରନ୍ତେ ବୋଲି ସେ କହିଛନ୍ତି। ତେବେ ରାଜ୍ୟର ଅନ୍ୟାନ୍ୟ ଜିଲା ତୁଳନାରେ ବାଲେଶ୍ୱରରେ ଖୋ ଖୋ ଖେଳ ପାଇଁ ସୁଦୃଢ଼ ଭିତ୍ତିଭୂମି ନ ଥିବା ସତ୍ତ୍ୱେ ଖେଳାଳିମାନେ ନିଜସ୍ୱ ଉଦ୍ୟମ ଓ କଠିନ ପରିଶ୍ରମ ଦ୍ୱାରା ଏହି ସଫଳତା ପାଇପାରିଛନ୍ତି ବୋଲି କୋଚ୍ ବେହେରା ସମ୍ବର୍ଦ୍ଧନା ଅବସରରେ କହିଛନ୍ତି। ଆଗାମୀ ଦିନରେ ମଧ୍ୟ ବାଲେଶ୍ୱର ଜିଲା ଖୋ ଖୋ ଖେଳରେ ଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସଭାପତି ବୀରେନ୍ଦ୍ର କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ, ସଞ୍ଜୟ କୁମାର ଲେଙ୍କା, ପ୍ରଦୀପ କୁମାର ଦାସ, ଜଗଦୀଶ ବେହେରା, ନିମାଇଁ ଚରଣ ରାଉତରାୟ, ଅଜିତ କୁମାର ପାତ୍ର, କଳ୍ପଲତା ରଥ ପ୍ରମୁଖ କ୍ରୀଡ଼ା ସଂଘର କର୍ମକର୍ତ୍ତାମାନେ ଯୋଗଦେଇ କୃତୀ ଖୋ ଖୋ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ।


ଖୋ-ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଦୂବଘାଟି, ଟେଙ୍ଗେରୀ ଗ୍ରାମବାସୀଙ୍କୁ ଚୁଆ ଭରସା

## ପ୍ରକଳ୍ପ ଅଛି, ପାଣି ମିଳୁନି

**ଫୁଲବାଣୀ ଅଫିସ, ୧୮।୧୧**

କନ୍ଧମାଳ ଜିଲା ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ଏଠାରେ ପାଣିର ଘୋର ଅଭାବ। ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲ୍ୟୁଏସ୍ଏସ୍) ପକ୍ଷରୁ ବହୁ ପ୍ରକଳ୍ପ କରାଯାଇଛି। ହେଲେ ଅନେକ ସମୟରେ ଏସବୁ ଅକାମୀ ହୋଇପଡୁଛି। ଫଳରେ ଲୋକେ ସବୁ ସମୟରେ ଜଳ କଷ୍ଟରେ ରହୁଛନ୍ତି। ତେଣୁ ଚୁଆ ଏବଂ ନାଳରୁ ପାଣି ସଂଗ୍ରହ କରି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ଫୁଲବାଣୀ ବ୍ଲକ ଗୁମାଗଡ ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ପାଣି ପାଇଁ ଏହି ପଞ୍ଚାୟତର ଦୂବଘାଟି ଏବଂ ଟେଙ୍ଗେରୀ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି।

ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ ପକ୍ଷରୁ ଦୂବଘାଟି ଓ ଟେଙ୍ଗେରୀ ଗ୍ରାମରେ ସୋଲାର ପାନୀୟ ଜଳ ପ୍ରକଳ୍ପ ହୋଇଥିଲା। ସେଠାରୁ ଲୋକେ ପାଣି ନେଉଥିଲେ। ଦୁବଘାଟି ଗ୍ରାମର ଉପର ସାହିରେ ବର୍ଷେ ହେବ ଏହି ପ୍ରକଳ୍ପ ହୋଇଥିଲା। ୩/୪ ମାସ ଲୋକେ ପାଣି ପାଇଲେ। ଏହାପରେ ପ୍ରକଳ୍ପ ଖରାପ ହୋଇଗଲା। ପାଖାପାଖି ୯ ମାସ ହେବ ଏହା ଅଚଳ ପଡିଛି। ସେହିପରି ଟେଙ୍ଗେରି ଗ୍ରାମରେ ୨ ବର୍ଷ ହେବ ପ୍ରକଳ୍ପ କରାଯାଇ ପାଣି ଦିଆଯାଉଥିଲା। ତେବେ ଗତ ୬ ମାସ ହେଲା ସୋଲାର ଠିକ ଭାବେ କାମ କରୁ ନ ଥିବାରୁ ପାଣି ଉଠି ପାରୁନି। ଅଳ୍ପ ପରିମାଣର ପାଣି ସେଠାରେ ମିଳୁଛି। ଲୋକେ ପାଣି ପାଇଁ ବହୁ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଦୁବଘାଟି ଗ୍ରାମରେ ଥିବା ନଳକୂପ ଅଚଳ। ପ୍ରତି ଦୁଇ ଘଣ୍ଟାରେ ଥରେ ଅଳ୍ପ ସମୟ ପାଇଁ ପାଣି ବାହାରୁଛି। ତାହା ପୁଣି ଗୋଳିଆ। କିଛି ଦିନ ତଳେ ଏହାର ମରାମତି କରାଯାଇଛି। ଗ୍ରାମବାସୀ କହିଛନ୍ତି ପ୍ରଥମେ ପ୍ରକଳ୍ପ ଯୋଗେ ପାଣି ମିଳିବାରୁ ବହୁତ ଖୁସି ହୋଇଥିଲୁ। କିଛି ଦିନ ପରେ ଏହା ଅଚଳ ହୋଇଗଲା। ପୂର୍ବ ପରି ପୁଣି ଏବେ ଚୁଆ ଏବଂ ନାଳ ପାଣି ବ୍ୟବହାର କରୁଛୁ। ଏଥିପାଇଁ ଅନେକ ସମୟରେ ରୋଗରେ ପଡୁଛୁ। ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ଦୁବଘାଟି ଗ୍ରାମର ଚିତ୍ତରଞ୍ଜନ କହଁର, ମୃତ୍ୟୁଞ୍ଜୟ କହଁର, ବିଜୟ କହଁର, ବିଦ୍ୟାଧର କହଁର, ଟେଙ୍ଗେରି ଗ୍ରାମର ପ୍ରଦୀପ କହଁର, ଚକ୍ରଧର କହଁର ପ୍ରମୁଖ ପ୍ରକାଶ କରିଛନ୍ତି। ଗୁମାଗଡ ସରପଞ୍ଚ ପ୍ରତାପ ଚନ୍ଦ୍ର କହଁର କହିଛନ୍ତି, ପାନୀୟ ଜଳ ସମସ୍ୟା ଏହି ଦୁଇଟି ଗାଁରେ ପ୍ରକଳ୍ପ ଅଚଳ ଯୋଗୁ ହୋଇଛି। ସୋଲାର ସଜାଡିବାକୁ ବାରମ୍ବାର ଫୋନ ଯୋଗେ ଡାକିଲେ ଦିନ ଗଡ଼ାଇ ଚାଲୁଛନ୍ତି। ନଳକୂପ କିଛି ଦିନ ହେବ ମରାମତି ହୋଇଛି। ସେଥିରୁ ଆବଶ୍ୟକ ଅନୁଯାୟୀ ପାଣି ମିଳୁନାହିଁ। ତୁରନ୍ତ ଅଚଳ ପ୍ରକଳ୍ପ ମରାମତି ହେଲେ ଲୋକେ ପାଣି ପାଇ ପାରିବେ ବୋଲି ସରପଞ୍ଚ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କୁନାମୀ ହେମ୍ବ୍ରମଙ୍କୁ ପଚାରିବାରୁ ଘଟଣା ବିଷୟରେ ସେ ଜାଣି ନ ଥିବା କହିଥିଲେ। ସମସ୍ୟା ସମାଧାନ କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ଯନ୍ତ୍ରୀ ହେମ୍ବ୍ରମ କହିଛନ୍ତି।



ଟେଙ୍ଗେରୀ ଗ୍ରାମରେ ଅଚଳ ହୋଇଥିବା ପ୍ରକଳ୍ପ।

## ସଂକ୍ଷେପରେ

### ଅଷ୍ଟବିଂଶତମ ବାର୍ଷିକ କ୍ରୀଡ଼ା



**ସୋରଡ଼ା,୧୮।୧୧(ଡି.ଏନ୍.ଏ.):** ସୋରଡ଼ା ସରସ୍ୱତୀ ଶିଶୁମନ୍ଦିରରେ ଶୁକ୍ରବାର ଅଷ୍ଟବିଂଶତମ ବାର୍ଷିକ କ୍ରୀଡା ଖେଳପଡିଆରେ ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଆଇଆଇସି ରମେଶ କୁମାର ପ୍ରଧାନ ଯୋଗଦେଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସାମୂହିକ ପ୍ରାର୍ଥନା ପରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁନୀଲ କୁମାର ରଥଙ୍କ ପରିଚାଳନାରେ ସଭାପତି ମହେଶ୍ୱର ସାହୁ, ସମ୍ପାଦକ ରୋହିତ କୁମାର ବିଶୋଇ, ସହ ସମ୍ପାଦକ ଗୁରୁପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ପ୍ରଶାନ୍ତ କୁମାର ନାୟକଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ଖେଳ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମରୁ ୧୦ମ ଶ୍ରେଣୀର ଶିଶୁ ଭାଗ ନେଇଥିଲେ। ୨ ଦିନିଆ ଏହି କାର୍ଯ୍ୟକ୍ରମ ପାଇଁ ଅଞ୍ଚଳ ଆନନ୍ଦ ମୁଖର ହୋଇଛି।

### ବେଆଇନ ପଲିଥିନ ଜବତ

**ଗୋପାଳପୁର,୧୮।୧୧(ଡି.ଏନ.ଏ.):** ଗୋଳନ୍ଥରା ଥାନା ପୋଲିସ ୩ ଟନ୍ ୩୦୦ କେଜି ବେଆଇନ ପଲିଥିନ ଜବତ କରିଛି। ତେଲଙ୍ଗାନା ହାଇଦ୍ରାବାଦ ଅଞ୍ଚଳରୁ ଏକ ଟାଟା ଏସିଇ ଯୋଗେ ପଲିଥିନ ଲୋଡ଼ ହୋଇ ହଳଦିଆପଦର ଆସିଥିଲା। ଏହି ସମୟରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ଉକ୍ତ ଗାଡ଼ିକୁ ଯାଞ୍ଚ ବେଳେ ପଲିଥିନ ଥିବା ଜଣାପଡ଼ିଥିଲା। ପଲିଥିନକୁ ସରକାରଙ୍କ ପକ୍ଷରୁ ବେଆଇନ ଘୋଷଣା କରାଯାଇଛି। ବ୍ୟବସାୟୀମାନେ ଉକ୍ତ ପଲିଥିନଗୁଡ଼ିକୁ ଆଣି ଦୋକାନୀମାନଙ୍କୁ ବିକ୍ରି କରୁଥିବା ତଦନ୍ତରେ ଜଣାପଡ଼ିଥିଲା। ପୋଲିସ ଉକ୍ତ ଗାଡ଼ିକୁ ନିଜ ହେପାଜତକୁ ନେବା ସହ କନିଷ୍ଠ ତହସିଲଦାରଙ୍କୁ ହସ୍ତାନ୍ତର କରିଥିଲା। ଉକ୍ତ ପଲିଥିନଗୁଡ଼ିକ ସମ୍ପୂର୍ଣ୍ଣ ପୋଡ଼ି ନଷ୍ଟ କରାଯିବ ବୋଲି କନିଷ୍ଠ ତହସିଲଦାର ପ୍ରଳୟାନନ୍ଦ ଶତପଥୀ ସୂଚନା ଦେଇଛନ୍ତି।

### ଚଢ଼ିଗଲା କାର୍, ୨ ଆହତ



**ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.):** ମୋହନା ଥାନା ଚନ୍ଦ୍ରଗିରିଠାରେ ଗୁରୁବାର ଏକ କାର୍ ଆର. ଉଦୟଗିରିରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଚା' ଦୋକାନ ନିକଟ ରାସ୍ତା କଡରେ ଛିଡା ହୋଇଥିବା ୨ ଜଣଙ୍କ ଉପରେ ମାଡିଯାଇଥିଲା। ଏଥିରେ ଚନ୍ଦ୍ରଗିରି ଗ୍ରାମର କାଳୁଚରଣ ବେହେରା ଓ ଜିତେନ୍ଦ୍ର ମହାଙ୍କୁଡ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅବସ୍ଥା ସଂକଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେପଟେ ଦୁର୍ଘଟଣା ଘଟାଇଥିବା କାର ସହ ଚାଳକଙ୍କୁ ଚନ୍ଦ୍ରଗିରି ଫାଣ୍ଡିରେ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି।

### ଖବରକାଗଜ ବିତରକଙ୍କ ପିତୃ ବିୟୋଗ

**ଖଲ୍ଲିକୋଟ,୧୮।୧୧(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ କେଶପୁର ଅଞ୍ଚଳର ଖବରକାଗଜ ବିତରକ ପ୍ରକାଶ ସାହୁ, ଶ୍ରୀହର୍ଷ ସାହୁଙ୍କ ପିତା କୈଳାସ ସାହୁଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ୩୦ ବର୍ଷ ହେବ ଧରିତ୍ରୀ ସହ ବିଭିନ୍ନ ଖବର କାଗଜ ବିତରଣ କରୁଥିଲେ। ଶୁକ୍ରବାର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ତିନି ପୁଅ, ଝିଅ, ନାତି ନାତୁଣୀ ଉପସ୍ଥିତ ଥିଲେ।

### ପ୍ରାଧ୍ୟାପକଙ୍କୁ ସମ୍ବର୍ଦ୍ଧନା

**ଭଞ୍ଜନଗର,୧୮।୧୧(ଡି.ଏନ.ଏ):** ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ଡଃ ପୀତବାସ ପାଲ କିଛି ଦିନ ପୂର୍ବେ ଏଠାରୁ ବଦଳି ହୋଇ ବିଡିପୁର କଲେଜକୁ ଯାଇଥିଲେ। ଶୁକ୍ରବାର ଏ ନେଇ ସ୍ଥାନୀୟ ବନ ବିହାର ପରିସରରେ ତାଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ଅଧକ୍ଷ ରାଜେନ୍ଦ୍ର ଦାସ, ପ୍ରଶାସନିକ ଅଧିକାରୀ ସାତ୍ୟକି ସାହୁ, ପ୍ରାଧ୍ୟାପିକା ଆରତି ପ୍ରଧାନ, ପ୍ରାଧ୍ୟାପକ ହରପ୍ରସାଦ ଶତପଥୀ, ବିଭାସ ଦାସ, ଅଧ୍ୟାପିକା ବିସ୍ମିତା ଛତର, ପୂଜା ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

## ୧୮୭ ଗ୍ରାମ୍ ସୁନା, ୨ କେଜି ରୁପା ଜବତ



ଜବତ ସୁନା ରୁପା।

**ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.)**

ଗଜପତି ଜିଲା ମୋହନା ଥାନା କମଳାପୁର ନାକା ପଏଣ୍ଟରେ ପୋଲିସ ଯାଞ୍ଚ ବେଳେ ଏକ ଗାଡିରୁ ୧୮୭ ଗ୍ରାମ ସୁନା, ୨କେଜି ୭୦୦ ଗ୍ରାମ ରୁପା ଜବତ ହୋଇଛି। ବେଆଇନ୍ ଚାଲାଣ ଅଭିଯୋଗରେ ପୋଲିସ ଡ୍ରାଇଭରଙ୍କ ସହ ଜଣକୁ ଅଟକ ରଖି ତଦନ୍ତ ଚଳାଇଛି। ବ୍ରହ୍ମପୁର ଶିବାନୀ ଜୁଏଲର୍ସରୁ ଉକ୍ତ ସୁନା ରୁପା ମୁନିଗୁଡା ବେଆଇନ ଭାବେ ଚାଲାଣ ହେଉଥିଲା। ଜବତ ହୋଇଥିବା ସୁନା ରୁପା ମଧ୍ୟରେ ବହୁ ଦାମୀ ଚେନ, ବ୍ରେସଲେଟ ଏବଂ ଅନେକ ଅଳଙ୍କାର ରହିଥିବା ବେଳେ ଜିଏସଟି ଫାଙ୍କି ଏହି କାରବାର ହେଉଥିବା ଜଣାପଡିଛି। ଯାହକୁ ପୋଲିସ ଜବତ କରିବା ସହ ଜିଏସଟି ଅଧିକାରୀଙ୍କୁ ସୁଚିତ କରିଛନ୍ତି। ଜିଏସଟି ଫାଇନ ସହ ଟେକ୍ସ ପକାଇ ଛଡାଯିବ ବୋଲି ମୋହନା ଥାନା ଆଇଆଇସି ସୂଚନା ଦେଇଛନ୍ତି।

# ଚୋରି ମାମଲା, ମୁଖ୍ୟ ଅଭିଯୁକ୍ତଙ୍କ ସହ ୩ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚାନ ଦେଉଛି।

## ୫ ଲକ୍ଷରୁ ଅଧିକ ଟଙ୍କାର ଚୋରି ସାମଗ୍ରୀ ଜବତ

**ହିଞ୍ଜିଳିକାଟୁ ୧୮।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାର ହିଞ୍ଜିଳି, ବ୍ରହ୍ମପୁର, ଦିଗପହଣ୍ଡି, ପାଟପୁର, ଆସିକା ଥାନା ସହ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲା କାଭିଟି ଥାନା ଅଞ୍ଚଳରୁ ୧୪ ଚୋରି ଘଟଣାରେ ସଂପୃକ୍ତ ଥିବା ଜଣେ ପେସାଦାରଙ୍କୁ ଗୁରୁବାର ସ୍ଥାନୀୟ ପୋଲିସ ଗିରଫ କରିଥିଲା। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଙ୍କଠାରୁ ବିଭିନ୍ନ ସାମଗ୍ରୀ କିଣିଥିବା ଅନ୍ୟ ୨ ଜଣଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ଶୁକ୍ରବାର ହିଞ୍ଜିଳି ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ଦଳାଇ ସୂଚନା ଦେଇଛନ୍ତି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ଜରଡା ଥାନା ଅନ୍ତର୍ଗତ ପାତ୍ରପୁର ପନ୍ଦରା ସାହିର ଚନ୍ଦ୍ରଶେଖର ବାଡତ୍ୟା, ଚୋରି ସାମଗ୍ରୀ ରଖିଥିବା ଅଭିଯୋଗରେ ଗିରଫମାନେ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ବାଘମୁଣ୍ଡା ଗାଁର ବ୍ରହ୍ମଚାରୀ ପ୍ରଧାନ ଓ ପାଟପୁର ଥାନା ସୁମନ୍ତପୁର ଗାଁର ଶ୍ରୀକାନ୍ତ ସାବତ। ସେମାନଙ୍କଠାରୁ ୫ ଲାପଟପ,୨ ସିପିୟୁ,୨ କମ୍ପ୍ୟୁଟର ମନିଟର, ପ୍ରିଣ୍ଟର, ଏସି ମେଶିନ, ୩ ଏଲଇଡି ଟିଭି, ୫ ପାଣି ପମ୍ପ, ୬ ସାଉଣ୍ଡ ସିଷ୍ଟମ, ଓ୍ବେବ କ୍ୟାମେରା, ମୋବାଇଲ ଓ ଗୋଟିଏ ବାଇକ ଆଦି ଜବତ ହୋଇଛି। ପ୍ରକାଶ ଯେ, ଗୁରୁବାର ହିଞ୍ଜିଳି ଥାନା ଆଡପଡା ଫାଣ୍ଡି ଅଞ୍ଚଳରେ ଚୋରି ସାମଗ୍ରୀ ବିକ୍ରି ହେଉଥିବା ଖବର ପାଇ ହିଞ୍ଜିଳି ପୋଲିସର ଏକ ଟିମ୍ ଚଢାଉ କରି ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରଶେଖର ବାଡତ୍ୟାଙ୍କୁ କାବୁ କରିଥିଲା। ପଚରାଉଚୁରା ପରେ ସେ ହିଞ୍ଜିଳି ଥାନା ପୋଚିଲିମା ପଞ୍ଚାୟତ ଅଫିସରୁ ଗତ ସେପ୍ଟେମ୍ବର ୨୯ରେ ହୋଇଥିବା ଚୋରି ଘଟଣା (କେସ ନଂ - ୫୨୮/୨୨)ସହ, ସମରଝୋଳ କାଳୀ ମନ୍ଦିର ଚୋରି (୩୬୫/୨୨) ଓ ହିଞ୍ଜିଳିକାଟୁ ମୁଖ୍ୟ ବଜାରରେ ଥିବା ଏକ ଡ୍ରେସ ଦୋକାନ( ୪୮୫/୨୨) ଚୋରି ଘଟଣାରେ ସଂପୃକ୍ତ ଥିବା ସ୍ୱୀକାର କରିଥିବା ଏଏସପି କହିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟ ଅଭିଯୁକ୍ତ ବାତ୍ୟା ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ୪ ଚୋରି ମାମଲା, ଦିଗପହଣ୍ଡି ଓ ଆସିକା ଥାନା ପରିସରରେ ଗୋଟିଏ ଏବଂ ପାଟପୁର ଥାନା ପରିସରରେ ୪ ଚୋରି ମାମଲାରେ ସଂପୃକ୍ତ ଥିବା ପୋଲିସ କହିଛି। ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲା କାଭିଡି ଅଞ୍ଚଳର ଏକ ସ୍କୁଲରୁ ମଧ୍ୟ ଚୋରି କରିଥିବା ସାମଗ୍ରୀ ପୋଲିସ ଜବତ କରିଛି। ସାମ୍ବାଦିକ ସମ୍ମିଳନୀରେ ଆସିକା ଉପଖଣ୍ଡ ଅଧିକାରୀ ଉମାଶଙ୍କର ସିଂ, ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ, ପାଟପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଶେରଗଡ଼ ଥାନାଧିକାରୀ ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷାଧିକ ଟଙ୍କାର ଜବତ ବାଣ ନଷ୍ଟ

**ଗୋପାଳପୁର,୧୮।୧୧(ଡି.ଏନ.ଏ.)**

ଦୀପାବଳି ପୂର୍ବରୁ ଗୋଳନ୍ଥରା ଓ ଗୋଷାଣୀ ନୂଆଗାଁ ପୋଲିସ ପକ୍ଷରୁ ଜବତ ହୋଇଥିବା ଲକ୍ଷାଧିକ ଟଙ୍କାର ବେଆଇନ ବାଣକୁ ଶୁକ୍ରବାର ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଏହି ଥାନା ଅନ୍ତର୍ଗତ ସୁମାଣ୍ଡିଠାରେ ବେଆଇନ ଭାବେ ବାଣ ଘରେ ବିକ୍ରି କରୁଥିବା ଖବର ପାଇ ଅକ୍ଟୋବର ୨୨ରେ ଗୋଳନ୍ଥରା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ ଜବତ କରିବା ସହ ଦୁଇଜଣଙ୍କୁ କାବୁ କରାଯାଇଥିଲା। ଏନେଇ ନଂ. ୩୮୬/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଉକ୍ତ ବାଣକୁ ନଷ୍ଟ କରିବା ପାଇଁ ଡେପୁଟି ଚିଫ୍ କଣ୍ଟ୍ରୋଲର ଏକ୍ସପ୍ଲୋସିଭ୍ କାର୍ଯ୍ୟାଳୟକୁ ପୋଲିସ ପକ୍ଷରୁ ଚିଠି କରାଯାଇଥିଲା। ଶୁକ୍ରବାର ଉକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ଗୋଳନ୍ଥରା ଥାନାରେ ପହଞ୍ଚିଥିଲେ। ଉକ୍ତ ବାଣକୁ ପାଲୁରହିଲ ସ୍ଥିତ ଏକ ନିଛାଟିଆ ସ୍ଥାନରେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ପୋଲିସ ଉପସ୍ଥିତିରେ ନଷ୍ଟ କରାଯାଇଥିଲା। ଏଥିସହ ଗୋଷାଣୀ ନୂଆଗାଁ ଥାନା ପକ୍ଷରୁ ଦୁଇଟି ମାମଲାରେ ଜବତ ହୋଇଥିବା ବାଣକୁ ମଧ୍ୟ ସେଠାରେ ନଷ୍ଟ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।



ବାଣ ନଷ୍ଟ କରାଯାଉଛି।

# ପଞ୍ଚାୟତ ସମିତି ବୈଠକ





ବୈଠକରେ ମଞ୍ଚାସୀନ ଅତିଥି।

**ଆସିକା,୧୮।୧୧(ଡି.ଏନ.ଏ)**

ଆସିକା ପଞ୍ଚାୟତ ସମିତିର ବୈଠକ ଶୁକ୍ରବାର ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସିକା ଏମ୍‌ପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବ୍ଲକ ଉପାଧକ୍ଷା ରେସମା ଦୋରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ଫକୀର ଚରଣ ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ଆସିକା ବ୍ଲକର ୨୭ ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସାଙ୍ଗକୁ ଜଳ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା, ଶିଶୁ ବିକାଶ ପ୍ରକଳ୍ପ ପରିଚାଳନା, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷିକାର୍ଯ୍ୟ, ମତ୍ସ୍ୟ ଓ ପଶୁ ସମ୍ପଦ, ମୃତ୍ତିକା ସଂରକ୍ଷଣ ଶିଳ୍ପ ବିକାଶ ସାଙ୍ଗକୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ସୁରକ୍ଷା ଯୋଜନା ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିସନ ଓ ପଞ୍ଚମ ରାଜ୍ୟ ଅର୍ଥ କମିସନ ଅନୁଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ମନୋଜ କୁମାର ଦୋରା, ଅନିମା ପରିଡା, ସୌଦାମିନୀ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ବିଭିନ୍ନ ବିଭାଗର ପ୍ରତିନିଧି ସାମିଲ ଥିଲେ।

## ଡକାୟତି ଉଦ୍ୟମ ପଣ୍ଡ, ୩ ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧୮।୧୧(ଡି.ଏନ.ଏ.)**

ଦିଗପହଣ୍ଡି ପୋଲିସ ଶୁକ୍ରବାର ବନ୍ଥପଲ୍ଲୀ ଗ୍ରାମ ମଠ ସାହିର କୁରୁପତି ଭୂୟାଁ ଓରଫ କୁରୁ, ଚାଞ୍ଚଡାପଲ୍ଲୀ ଗ୍ରାମର ତୋଫାନ ଗୌଡ଼, ବରପଲ୍ଲୀର ସଂଗ୍ରାମ କେଶରୀ ଭୂୟାଁଙ୍କୁ ଥାନା ମାମଲା ନଂ.୩୯୧/୨୨ଅନୁଯାୟୀ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୩ ବୋମା, ୨ ଛୁରି, ଗୋଟିଏ ଖଣ୍ଡା, ୩ ମୁଖା, ୩ ଟି ଖାଲି ମଦ ବୋତଲ ଏବଂ ଟର୍ଚ ଲାଇଟ୍ ଜବତ କରିଛି। ଦିଗପହଣ୍ଡି - ଘୋଡାହାଡ଼ ଡ୍ୟାମ ରାସ୍ତା କଇଠଖଣ୍ଡି ଗ୍ରାମ ନିକଟ ଯାତ୍ରୀ ବିଶ୍ରାମାଗାର ପାର୍ଶ୍ୱରେ ଗୁରୁବାର ରାତି ପ୍ରାୟ ୨ ଟାରେ ଅଭିଯୁକ୍ତମାନେ ରାସ୍ତାରେ ଚଳାଚଳ କରୁଥିବା ଗାଡ଼ି ମୋଟରକୁ ଅଟକାଇ ଡକାୟତି ପାଇଁ ଯୋଜନା କରୁଥିବା ସୂଚନା ମିଳିଥିଲା। ଆଇଆଇସି ଦିପ୍ତୀରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଗୌତମ ସାହୁ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଯାତ୍ରୀ ବିଶ୍ରାମାଗାର ନିକଟରେ ଘେରି ଯାଇଥିଲେ। ସେଠାରେ ୫ ଯୁବକ ମଦ୍ୟପାନ କରୁଥିଲେ। ସେମାନଙ୍କ ହାତରେ ମାରଣାସ୍ତ୍ର ଥିଲା। ପୋଲିସ ଟିମ୍ ଅତର୍କିତ ଚଢ଼ାଉ କରି ୩ ଜଣଙ୍କୁ କାବୁ କରିବା ଥିବା ବେଳେ ୨ ଫେରାର୍ ହୋଇଯାଇଥିଲେ। ଗିରଫ ଅଭିଯୁକ୍ତଙ୍କୁ ଠାରୁ ଫେରାର୍ ୨ଜଣଙ୍କ ପରିଚୟ ମିଳିପାରିଛି। ସେମାନଙ୍କୁ ଗିରଫ କରାଯିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ବଳଭଦ୍ର ଗଣ୍ଡ କହିଛନ୍ତି।

# ୨୧ରୁ ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଆର.ଉଦୟଗିରି,୧୮।୧୧(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ଆସନ୍ତା ୨୧ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବ ଅଙ୍ଗନୱାଡି ୱାର୍କର୍ସ ଆସୋସିଏଶନ। ଏ ସମ୍ପର୍କରେ ଗୁରୁବାର ମୋହନା ବ୍ଲକ ଅଙ୍ଗନୱାଡି କର୍ମଚାରୀ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ବ୍ଲକ ସମ୍ପାଦିକା ଅଞ୍ଜଳି ନାୟକ। ବିଶେଷକରି ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ଦରମା ବୃଦ୍ଧି, ମିନି ଅଙ୍ଗନୱାଡିଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା, ପୋଷଣ ଟ୍ରାକର, ସୋପାନ ଯୋଜନାରେ ହେଉଥିବା ବିଭିନ୍ନ ସମସ୍ୟା, ଅଙ୍ଗନୱାଡି କର୍ମୀଙ୍କୁ ସୁପରଭାଇଜର ପଦୋନ୍ନତି ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ବହୁ ବର୍ଷ ହେଲା ସେମାନଙ୍କ ଦାବି ନେଇ ଆନ୍ଦୋଳନ କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ତେଣୁ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମଚାରୀ ଆସୋସିଏଶନର ଆହ୍ୱାନକ୍ରମେ ଭାରତୀୟ ମଜଦୁର ସଂଘର ସହଯୋଗରେ ଆସନ୍ତା ୨୧ରେ ଓଡ଼ିଶାର ସମସ୍ତ ଅଙ୍ଗନୱାଡି କର୍ମଚାରୀ ଭୁବନେଶ୍ୱରରେ ବିଧାନସଭା ଆଗରେ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତି ଆଇସିଡିଏସ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ଅଙ୍ଗନୱାଡି କର୍ମୀ ଓ ସହାୟିକା। ଏହି ଖବରଦାତା ସମ୍ମିଳନୀରେ ବ୍ଲକ ସଭାନେତ୍ରୀ ପବିତ୍ରା ନାୟକ, ଉପ ସଭାନେତ୍ରୀ ଭାରତୀ ନାୟକ, କୋଷାଧ୍ୟକ୍ଷା ଅମିତା ନାୟକ, ସଦସ୍ୟା ସଂଯୁକ୍ତା ବିଷୋୟୀ, ଅମ୍ବିକା ଦେବୀ ଦଳାଇ, ଭାରତୀ ନାୟକ ଓ ଚିନ୍ତା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।





ଖବରଦାତା ସମ୍ମିଳନୀରେ ଅଙ୍ଗନୱାଡି କର୍ମୀ।

# ଭଞ୍ଜନଗର ଓକିଲ ସଂଘର ରାସ୍ତାରୋକୋ

## ଆକ୍ରମଣକାରୀଙ୍କ ବିରୋଧରେ କୋହଳ ଦଫା ଅଭିଯୋଗ

**ଭଞ୍ଜନଗର,୧୮।୧୧(ଡି.ଏନ.ଏ)**

ଭଞ୍ଜନଗର ବାର୍ ଆସୋସିଏଶନର ବରିଷ୍ଠ ସଭ୍ୟା ଅଭାଙ୍ଗିନୀ ବିଷୋୟୀ, ତାଙ୍କ ଭାଉଜ ଓ ଭାଇଙ୍କ ସମେତ ଅବସରପ୍ରାପ୍ତ ଏସ୍ଆଇ ଏବଂ ଜଣେ ଯୁବକଙ୍କୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଏ ନେଇ ଥାନାରେ ଏତଲା ପ୍ରକାରେ ଦଫା ଲଗାଯାଇନାହିଁ। ପୋଲିସ କୋହଳ ଦଫା ଲଗାଇ ସେମାନଙ୍କୁ ଖସାଇଦେବା ଯୋଜନା କରୁଛି। ଏହା ପ୍ରତିବାଦରେ ଭଞ୍ଜନଗର ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଶୁକ୍ରବାର ଅପରାହ୍ନ ୩ଟାରୁ ଭଞ୍ଜନଗର କୋର୍ଟ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା ଦଫା ଲଗାଇବା ପାଇଁ ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ ଦାବି କରିଛନ୍ତି। ଆନ୍ଦୋଳନରେ ବାର ଆସୋସିଏଶନ ସଭାପତିଙ୍କ ସମେତ ଉପ ସଭାପତି ଧୀରେନ ସ୍ୱାଇଁ, ସମ୍ପାଦକ ଅମରେଶ ମହାପାତ୍ର, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର, କୋଷାଧକ୍ଷ ଗିରିଜା ଶଙ୍କର ଭୂୟାଁ, ଭାଜପା ନେତା ଅଯୋଧାନାଥ ମହାପାତ୍ର, ବାମପନ୍ଥୀ ନେତା ହରେକୃଷ୍ଣ ସାହୁ ପ୍ରମୁଖ ସାମିଲ ଥିଲେ।

ବୁଧବାର ରାତିରେ ସ୍ଥାନୀୟ କଳିଙ୍ଗନଗର ବାସିନ୍ଦା ଅଜିତ ସେଠୀ ନାହାତୋଟାସାହି ରାସ୍ତାରେ ଯାଉଥିବା ବେଳେ କେତେଜଣ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଅଜିତ ଆଇନଜୀବୀ ଅଭାଙ୍ଗିନୀଙ୍କ ଘରେ ପଶିଯାଇଥିଲେ। ପରେ ଅଜିତ ଥାନାରେ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭାଙ୍ଗିନୀଙ୍କ କଥାରେ ସେ ଏତଲା ଦେଇଥିବା ସନ୍ଦେହ କରି ଅଭିଯୁକ୍ତମାନେ ଫେରି ଆସି ଅଭାଙ୍ଗିନୀଙ୍କ ଘରେ ଭଙ୍ଗାରୁଜା କରିବା ସହ ତାଙ୍କୁ ଏବଂ ତାଙ୍କ ଭାଉଜ, ଭାଇଙ୍କୁ ଆକ୍ରମଣ କରିଥିଲେ। ନିକଟରେ ରହୁଥିବା ଅବସରପ୍ରାପ୍ତ ଏସ୍ଆଇ ରାଜେନ୍ଦ୍ର ପଣ୍ଡାଙ୍କୁ ମଧ୍ୟ ଆକ୍ରମଣ ହୋଇଥିଲା। ପୋଲିସ ଏହି ମାମଲାରେ ୫ ଯୁବକଙ୍କୁ ଥାନାକୁ ଆଣି ପଚରାଉଚାର କରୁଛି।



ଆଇନଜୀବୀମାନେ ରାସ୍ତା ଅବରୋଧ କରିଛନ୍ତି।

ଧରିତ୍ରୀ
DHARITRI
ଶନିବାର, ୧୯ ନଭେମ୍ବର, ୨୦୨୨

## ସୁଷମା ଦାସ ସବାଇଗ୍ରାସ ସମିତିର ଉପସଭାପତି ନିର୍ବାଚିତ

**ବଡ଼ସାହି:** ମୟୂରଭଞ୍ଜ ସବାଇ ଗ୍ରାସ ପ୍ରୋସେସିଂ ଓ ବହୁମୁଖୀ ସମବାୟ ସମିତି ଲିଃର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଗୁରୁବାର ସମିତିର ଉପ ସଭାପତି ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ଧାର୍ଯ୍ୟ ତାରିଖ ଥିଲା। ଏହିଦିନ ବଡ଼ସାହିର ସୁଷମା ଦାସ ଜଣେ ମାତ୍ର ନିର୍ଦ୍ଦେଶକ ଏକକ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏଣୁ ବିନା ପ୍ରତିଦ୍ୱନ୍ଦିତାରେ ସେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସମ୍ପୂର୍ଣ୍ଣା ନନ୍ଦ ଖଟୁଆ ଘୋଷଣା କରିଛନ୍ତି।



## ସଂକ୍ଷେପରେ

### ସୁବୋଧ ସଭାପତି, ମଧୁସୂଦନ ସମ୍ପାଦକ ନିର୍ବାଚିତ
#### ବଡ଼ବିଲ ପ୍ରେସ୍ କ୍ଲବ୍‌ର ନିର୍ବାଚନ




ବଡବିଲ,୧୮।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡ଼ବିଲ ପ୍ରେସ୍ କ୍ଲବ୍‌ର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁବୋଧ ଦାସ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ମଧୁସୂଦନ ସାହୁ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ସଦସ୍ୟ ତଥା ନିର୍ବାଚନ ଅଧିକାରୀ ବଳରାମ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନିର୍ବାଚନରେ ଉପ-ସଭାପତି ଭାବେ ଚିତରଞ୍ଜନ କର, କୋଷାଧକ୍ଷ ଭାବେ ବିଶ୍ୱଜିତ୍ ମହାନ୍ତ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। କ୍ଲବ୍‌ର ଅନ୍ୟ ସଦସ୍ୟମାନେ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ଫୁଲହାର ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ।

### ବୋଲେରୋ ଧକ୍କାରେ ପଥଚାରୀ ମୃତ

ବିଶୋଇ/ରାଇରଙ୍ଗପୁର,୧୮।୧୧ (ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ମହୁଭଣ୍ଡାର ଛକ ନିକଟରେ ଶୁକ୍ରବାର ବୋଲେରୋ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବିଶୋଇ ଥାନା ଅଧୀନ ତୋଳାପାଡି ଗ୍ରାମର ଶିରିଶ ମହାକୁଡ଼(୪୫)। ଗୁରୁତର ଅର୍ଜୁନବିଲା ଗ୍ରାମର ଗୋବର୍ଦ୍ଧନ ଗିରି (୪୨)ଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ମୃତ ଶିରିଶ ଓ ଆହତ ଗୋବର୍ଦ୍ଧନ ରାସ୍ତା ପାର୍ଶ୍ୱରେ ଚାଲିଚାଲି ବିଶୋଇ ଆଡ଼କୁ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ବୋଲେରୋଟି ସେମାନଙ୍କୁ ଧକ୍କା ଦେଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ. ୧୬୮/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ସନ୍ତୋଷ ଭାରତୀୟ ଟାଏକୋଣ୍ଡୋ ଫେଡେରେଶନର ସଭାପତି

କେନ୍ଦୁଝର,୧୮।୧୧(ସ୍ୱ.ପ୍ର.): ଭାରତୀୟ ଟାଏକୋଣ୍ଡୋ ଫେଡେରେସନର ଉପସଭାପତି ହେଲେ କେନ୍ଦୁଝର ଜିଲାର ସନ୍ତୋଷ ମହାନ୍ତି। ଉପସଭାପତି ଭାବେ ଦାୟିତ୍ୱ ନେବା ପରେ ସେ କେନ୍ଦୁଝର ତଥା ରାଜ୍ୟର ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଟାଏକୋଣ୍ଡୋ ଜରିଆରେ ସାମ୍ନାକୁ ଆଣିବେ ବୋଲି କହିଛନ୍ତି। ସନ୍ତୋଷ କେନ୍ଦୁଝରର ଜଣେ ଜଣାଶୁଣା ଔଷଧ ବିତରକ। ପୂର୍ବରୁ ସେ କେନ୍ଦୁଝର କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି। ସୂଚନାଯୋଗ୍ୟ ବିଶ୍ୱ ଟାଏକୋଣ୍ଡୋ ଫେଡେରେସନ ଓ ଭାରତୀୟ ଅଲିମ୍ପିକ ମହାସଂଘ ଦ୍ୱାରା ଭାରତୀୟ ଟାଏକୋଣ୍ଡୋ ଫେଡେରେସନ ସ୍ୱୀକୃତିପ୍ରାପ୍ତ। ଅନ୍ୟପକ୍ଷରେ ଫେଡେରେସନର ସଭାପତି ଭାବେ ଚେନ୍ନାଇ ସ୍ଥିତ ଭେଲ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର୍ ଆଇ. ଶ୍ରୀଗଣେଶ ନିର୍ବାଚିତ ହୋଇଛନ୍ତି। ସନ୍ତୋଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିଛି।

### ଚକ୍ଷୁ ଚିକିତ୍ସା ଶିବିର

ଭଣ୍ଡାରିପୋଖରୀ, ୧୮।୧୧ (ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତ କାର୍ଯ୍ୟାଳୟଠାରେ ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଞ୍ଜନ କୁମାର ପରିଡ଼ା ଏହାକୁ ଉଦ୍‌ଘାଟନ କରିଥିଲେ। ଭୂମିକା ଚକ୍ଷୁ ହସ୍ପିଟାଲର ଡା. ସୁପ୍ରିୟା ସାହୁ, ଡା. ସିଦ୍ଧାର୍ଥ ବେହେରା, ତରୁଣ କୁମାର ଜେନା, ନୀତା ଭାରତୀ ଓ ଲୋପାମୁଦ୍ରା ପଣ୍ଡାଙ୍କ ଦ୍ୱାରା ରୋଗୀମାନଙ୍କ ଚିକିତ୍ସା କରାଯାଇଥିଲା। ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ୨୨ଜଣ ଚିହ୍ନଟ ହୋଇଛନ୍ତି। ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟର ପ୍ରତିଷ୍ଠାତା ତ୍ରିଲୋଚନ ଦାଶ, ସଭାପତି ଅଜିତ ପତି, ଉପଦେଷ୍ଟା ମହେଶ୍ୱର ବେହେରା, ବିନୋଦ ବାରିକ, ସୁକାନ୍ତ ବେହେରା ଓ ମୋହନ ମାଝି ଶିବିର ପରିଚାଳନା କରିଥିଲେ। ସେହିପରି ବିଶୋଳ କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା।

# ସୁବର୍ଣ୍ଣରେଖା ଉପକୂଳରେ ଏନ୍‌ଜିଟି ଟିମ୍

## ୭ ଗାଁ ବୁଲି ତଥ୍ୟ ସଂଗ୍ରହ କଲେ

ଜଳେଶ୍ୱର, ୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ସୁବର୍ଣ୍ଣରେଖା ନଦୀବାଲି ବ୍ୟାପକ ଚୋରାଚାଲାଣ ଖବରପାଇ ଏନ୍‌ଜିଟିର ଏକ ଟିମ୍ ପହଞ୍ଚିଛନ୍ତି। ବେଆଇନ ଉତ୍ତୋଳନ ଯୋଗୁ ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ ସମ୍ପର୍କରେ ଏହି ଟିମ୍ ଅନୁଧ୍ୟାନ କରି ୭ଟି ଗାଁର ଲୋକଙ୍କୁ ଭେଟି ତଥ୍ୟ ସଂଗ୍ରହ କରିଛନ୍ତି।

ବିଶେଷକରି ଖଣି, ଜଙ୍ଗଲ, ପରିବେଶ ପ୍ରଦୂଷଣ ବିଭାଗର ଆଇନକୁ ଭ୍ରୂକ୍ଷେପ ନ କରି ସୁବର୍ଣ୍ଣରେଖା ନଦୀରୁ ବେଆଇନ ଭାବେ ବାଲିମାଫିଆମାନେ ଉତ୍ତୋଳନ କରୁଥିବାରୁ କେତେଜଣ ବ୍ୟକ୍ତି ଏନ୍‌ଜିଟି ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟି ପକ୍ଷରୁ ଓଡ଼ିଶା ଓ ପଶ୍ଚିମବଙ୍ଗ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରାଯିବା ପରେ ସ୍ୱମ୍ପଫମ୍ପ ଦ୍ୱାରା ବାଲି ଉତ୍ତୋଳନ ବନ୍ଦ ରହିଛି। ତଥାପି ବେଆଇନ ଭାବେ ରାତିରେ ଜେସିବି ଦ୍ୱାରା ନଦୀଜଳ ମଧ୍ୟରୁ ବାଲି ଉତ୍ତୋଳନ, ନିର୍ଦ୍ଦିଷ୍ଟ ସ୍ଥାନଠାରୁ ଅଧିକ ଅଞ୍ଚଳରୁ ବାଲି ଉତ୍ତୋଳନ, ନଦୀବନ୍ଧ କାଟିବା, ଜଙ୍ଗଲ କିସ୍ମତ୍ ଅଞ୍ଚଳରୁ ବାଲି ଉତ୍ତୋଳନ କରାଯାଉଥିବା ସହିତ ପରିବେଶ ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ଏନ୍‌ଜିଟି ପକ୍ଷରୁ ରୁର୍କି ଆଇଆଇଟିର ୨ଜଣ ବୈଜ୍ଞାନିକଙ୍କୁ ଏସବୁ ସମ୍ପର୍କରେ ତନଖି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଜ୍ଞାନିକ ଭେଙ୍କଟ ଭାର୍ଗବ ଓ ସୁଶୀଲ କୁମାର ଗତ ମାସେ ତଳେ ଆସି କେତେକ ତଥ୍ୟ ସଂଗ୍ରହ କରିଥିଲେ। ଏବେ ୩ଦିନ ଧରି ସେମାନେ ୭ଟି ଗାଁର ସ୍ଥାନୀୟ ଅଧିବାସୀଙ୍କ ସହ ଏସବୁ ଦିଗରୁ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ବାସିନ୍ଦାମାନେ ନଦୀରୁ ମାଛ ମାରିବା, ନଦୀଜଳ ବ୍ୟବହାରରେ ଅସୁବିଧା ସୃଷ୍ଟି ହେବା, ନଦୀଜଳ ପ୍ରଦୂଷଣ ହେଉଛି କି ନା, ନଦୀଜଳ ପ୍ରବାହରେ କୌଣସି ବାଧା ସୃଷ୍ଟି ହେଉଛି ନା, ଭୂତଳ ଜଳ ଉପରେ ପ୍ରଭାବ ସମ୍ପର୍କରେ ଏନ୍‌ଜିଟି ପକ୍ଷରୁ ବିଭିନ୍ନ ବିଷୟରେ ସର୍ଭେ କରୁଥିବା ଜଣାଯାଇଛି। ସମସ୍ତ ତଥ୍ୟ ସେମାନେ ଏନ୍‌ଜିଟିକୁ ହସ୍ତାନ୍ତର କରିବେ। ଗତ ୩ଦିନ ମଧ୍ୟ ସେମାନେ ମହମ୍ମଦନଗର ପାଟଣା, ସେକ୍ ସରାଇ, ଚାଲନ୍ତି, ଶିଖରପୁର ଗ୍ରାମବାସୀଙ୍କ ସହ ଆଲୋଚନା କରିଥିବା ବେଳେ ଆଗାମୀ ଦିନରେ ମାକିଡିଆ, କଣ୍ଟାପାଳ ଓ ରାୟାଁରାମଚନ୍ଦ୍ରପୁର ଗ୍ରାମବାସୀଙ୍କ ସହ ସବିଶେଷ ଆଲୋଚନା କରିବେ ବୋଲି ଜଣାଯାଇଛି। ଏ ସମ୍ପର୍କରେ ସ୍ତମ୍ଭକାର ଓ ପରିବେଶବିତ୍ ସୁଦର୍ଶନ ଦାସ ଦୁଇ ବୈଜ୍ଞାନିକଙ୍କ ସହ ଆଲୋଚନା କରିଛନ୍ତି।


ଏନ୍‌ଜିଟି ଟିମ୍ ସଦସ୍ୟମାନେ ଗ୍ରାମବାସୀଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି।

## ଡୁଙ୍ଗୁରା ସମିତିରେ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା


ଡୁଙ୍ଗୁର ସମବାୟ ସମିତି ସଦସ୍ୟଙ୍କ ଗହଣରେ ନୂତନ ସଭାପତି।

ଖଇରା, ୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଭାବେ ଖଇରାର ଗଣେଶ ପ୍ରସାଦ ମହାପାତ୍ର ନିର୍ବାଚିତ ହେବା ପରେ ଗୁରୁବାର ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଖଇରା ବ୍ଲକ ଡୁଙ୍ଗୁରା ସେବା ସମବାୟ ସମିତି ପରିସରରେ ସମ୍ପାଦକ ବିଭୂତି ଭୂଷଣ ରାଉତଙ୍କ ଆବାହକତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଭାପତି ମହାପାତ୍ର ତାଙ୍କର ବିଜୟର ଶ୍ରେୟ ସମସ୍ତ ଅଞ୍ଚଳବାସୀଙ୍କୁ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସେ ଚାଷୀଙ୍କ ହିତ ପାଇଁ ଯାହା ପଦକ୍ଷେପ ଦରକାର ତାହା ନିଆଯିବ ବୋଲି କହିଥିଲେ। ସଭାରେ ସହନିବନ୍ଧକ କାର୍ଯ୍ୟାଳୟର ନିରୀକ୍ଷକ କିଶୋର ଦଳେଇ, ସମବାୟ ବ୍ୟାଙ୍କ ଖଇରା ଶାଖାର ପରିଚାଳକ ଯଦୁନାଥ ମଣ୍ଡଳ, ସହ ସମ୍ପାଦକ ଗୌରାଙ୍ଗ ଦାସ, ପରିଚାଳନା ବୋର୍ଡ ସଭାପତି ଶତ୍ରୁଘ୍ନ ମହାନ୍ତି, ସରପଞ୍ଚ ପ୍ରକାଶ ଲେଙ୍କା, ସମିତିସଭ୍ୟା ପ୍ରତିନିଧି ଶିଶିର ସାମଲ, ଝିଙ୍କିରିଆର ପୂର୍ବତନ ସରପଞ୍ଚ ମଧୁସୂଦନ ମାଝୀ, ବଡଜୟୀପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୈତାରୀ ସେଠୀ, ବିଜେଡି ନେତା ଶଙ୍କର୍ଷଣ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ଅଣକଂଗ୍ରେସ ପ୍ରାର୍ଥୀ ଭାବେ ପ୍ରଥମ କରି ଖଇରା ବ୍ଲକରୁ ଜଣେ ବ୍ୟକ୍ତି ଏହି ସମ୍ମାନଜନକ ଆସନ ଲାଭ କରିଥିବାରୁ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଖୁସିର ଲହରି ଖେଳିଯାଇଛି।

# ତେଜିଲା ରାଇରଙ୍ଗପୁର ଜିଲା ଗଠନ ଦାବି



ବୈଠକରେ ଉପସ୍ଥିତ ବିଭିନ୍ନ ସଂଗଠନର କର୍ମକର୍ତ୍ତା।

ରାଇରଙ୍ଗପୁର,୧୮।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡକୁ ଜିଲା ଘୋଷଣା ଦାବି ତେଜିବାରେ ଲାଗିଛି। ଏନେଇ ଗୁରୁବାର ଅପରାହ୍ନରେ ସ୍ଥାନୀୟ ପିସିଏମ୍ କଲ୍ୟାଣମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓକିଲ ସଂଘର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ନବ ଚରଣ ମାଝୀ, ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହ୍ଲାଦ ପୂର୍ତ୍ତି, ବରିଷ୍ଠ ଆଇନଜୀବୀ ରସାନନ୍ଦ ଲେଙ୍କା, ପ୍ରଭାସ କବି, ସଞ୍ଜୀବ କୁମାର ମହାନ୍ତ, ଭାଜପା ଯୁବନେତା ନବୀନ ରାମ, ବରିଷ୍ଠ ନେତା ମନୋରଞ୍ଜନ ମହାନ୍ତି, ବିଜେଡି ପକ୍ଷରୁ ପୌର ପରିଷଦ ଉପାଧକ୍ଷା ମମତା ଚୌଧୁରୀ, ମନୁ ଚୌଧୁରୀ, ରତିକାନ୍ତ ପରିଚ୍ଛା, ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଖବରଦାତାମାନେ ଉପସ୍ଥିତ ଥିଲେ। ବୈଠକରେ ରାଇରଙ୍ଗପୁର ଜିଲା ଗଠନ ନେଇ ବିଭିନ୍ନ ରଣ କୌଶଳ ବିଷୟରେ ଆଲୋଚନା କରାଯାଇଥିଲା।

## କେନ୍ଦ୍ର ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ

ଖୁଣ୍ଟା/ଗୋପବନ୍ଧୁନଗର, ୧୮।୧୧(ଡି.ଏନ.ଏ.)

ରାଜ୍ୟ ସରକାର ଠିକା କର୍ମଚାରୀ ବ୍ୟବସ୍ଥା ବନ୍ଦ କରିଥିବା କଥା କହୁଥିବାବେଳେ ମୟୂରଭଞ୍ଜ ଜିଲା ଅଧୀନ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ଏନେଇ ପ୍ରଶ୍ନ ଉଠାଇଛି। ସଂଘ ପକ୍ଷରୁ ୮ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଗୋପବନ୍ଧୁ ନଗର ବ୍ଲକ ଗସ୍ତରେ ଥିବା କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ପ୍ରଦାନ କରାଯାଇଛି। ସ୍ୱଳ୍ପ ପାରିଶ୍ରମିକରେ ବିଭିନ୍ନ ପଞ୍ଚାୟତରେ ବର୍ଷ ବର୍ଷ ଧରି ଏହି ୪ର୍ଥ ଶ୍ରେଣୀ କର୍ମଚାରୀମାନେ କାର୍ଯ୍ୟ କରି ଆସୁଛନ୍ତି। ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ ପାଇବାରୁ ସେମାନେ ବଞ୍ଚିତ ରହୁଥିବା ଏବଂ ନିର୍ଦ୍ଧାରିତ ଦରମା ପାଇ ପାରୁ ନ ଥିବା ସହ ଭିନ୍ନ ଭିନ୍ନ ପଞ୍ଚାୟତ ପକ୍ଷରୁ ଭିନ୍ନ ଭିନ୍ନ ଦରମା ବାବଦରେ ଅର୍ଥ ପ୍ରଦାନ କରାଯାଉଥିବା ଅଭିଯୋଗ ଆଣିଛନ୍ତି। ସରକାରୀ ଅନୁଦାନ ପାଇବା ଆଶା ରଖି ବହୁ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ଅନେକ ଦୀର୍ଘ ବର୍ଷ ଧରି ଆଶା ରଖି ପଡ଼ି ରହିଛନ୍ତି। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ବିଭାଗ, ୫-ଟି ସଚିବଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ସ୍ଥାୟୀ କର୍ମଚାରୀର ମାନ୍ୟତା, ସମାନ କାମକୁ ସମାନ ଦରମା, ଏହି କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ବ୍ୟବସ୍ଥା, ଗ୍ରାଣ୍ଟ ଇନ୍ ଏଡ୍ , ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ପଦୋନ୍ନତି, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଏବଂ ଶ୍ରମ ଓ ନିୟୋଜନ ବିଭାଗ ଘୋଷଣା ଅନୁଯାୟୀ ମଜୁରୀ ପ୍ରଦାନ ଇତ୍ୟାଦି ସମ୍ପର୍କୀତ ଦାବି କରାଯାଇଥିବା ଜିଲା ସଂଘର ସମ୍ପାଦକ ଦିବାକର ବିନ୍ଧାଣି କହିଛନ୍ତି।

## ବଣାଶୁଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ସିମୁଳିଆ, ୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଣା ଅଞ୍ଚଳର ଶ୍ରୀଶ୍ରୀ ମା’ ଆଦ୍ୟାଶକ୍ତି ପରମବୈଷ୍ଣବୀ ବଣାଶୁଣୀଙ୍କ ପୀଠରେ ୩୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ବୁଧବାର ପ୍ରାତଃରେ ଯଜ୍ଞମଣ୍ଡପ, କୁଣ୍ଡ, ତୋରଣ ପ୍ରସ୍ତୁତି କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ସଂକଳ୍ପ ଓ ଘଟ ମଣ୍ଡଳ ପୂଜା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାଣେଶ୍ୱର ମନ୍ଦିର ପୋଖରୀରୁ ଘଟୋତ୍ତଳନ କରାଯାଇ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ମାଧାହ୍ନରେ ଯଜ୍ଞକର୍ମ, ଚରୁପାକ, ଦେବାଦେବୀ ହବନ, ନାରାୟଣ ସେବା, ଅପରାହ୍ନରେ ଶ୍ରୀନାରାୟଣ ଓ ମା’ଭଗବତୀଙ୍କ ପୀଠରେ ଚଣ୍ଡିପୂଜା ଓ ରାତିରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ୧୩ଜଣ ବ୍ରତୀ ସଂକଳ୍ପ କରିଥିଲେ। ମନ୍ଦିର ପୂଜକ ଅନିରୁଦ୍ଧ ପତ୍ରୀ ମା’ଙ୍କ ବିଧି ଉପଚାର ପୂଜା କରିଥିଲେ। ବିଭିନ୍ନ ୧୧ଜଣ ପଣ୍ଡିତ ଯଜ୍ଞ ଦାୟିତ୍ୱରେ ଥିଲେ। ମୁଖ୍ୟପୂଜକ ରୂପେ ପଣ୍ଡିତ ଦୟାନିଧି ପତ୍ରୀ, ନିଶାକର ପାଣିଗ୍ରାହୀ, ଭାରତଭୂଷଣ ଦାଶ, କଳ୍ପତରୁ ଦାଶ, ବିଜୟ କୁମାର ଦାଶ ପ୍ରମୁଖ ଥିଲେ। ଅନୁଷ୍ଠାନ ସଭାପତି ପଦ୍ମନାଭ ମହାପାତ୍ର, ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ମହେଶ୍ୱର ସାହୁ, ମହେଶ୍ୱର ମହାରଣା ପ୍ରମୁଖ ଶତାଧିକ ସଭ୍ୟାସଭ୍ୟଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗୀ ଥିଲେ।


ବଣାଶୁଣୀଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ।

# ଭାଜପାର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

କେନ୍ଦୁଝର,୧୮।୧୧(ସ୍ୱ.ପ୍ର.)

କେନ୍ଦୁଝର ନଗର ମଣ୍ଡଳର ଚତୁର୍ଥ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସଦର ନଗର ସଭାପତି ବିଶ୍ୱଜିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବରେ ମୋହନ ଚରଣ ମାଝୀ, ପୌରାଧ୍ୟକ୍ଷା ନିକୁ ସାହୁ, ରାଣୀ ସୁନନ୍ଦିନି ଭଞ୍ଜଦେଓ, ନଗର ପ୍ରଭାରୀ ଦିଲ୍ଲୀପ ପଣ୍ଡା, ସଦର ପ୍ରଭାରୀ ରାମଚନ୍ଦ୍ର ସାହୁ ସଦର ସଂଯୋଜକ ବିବେକ ମହାନ୍ତ, ଜିଲା ଉପସଭାପତି ଗୋପୀନାଥ ରାମ, ଗଣେଶ୍ୱର ମହାନ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିରଣବାଳା ନାୟକ, ଜିଲା ସମ୍ପାଦକ ଦୀପକ ଜେନା, ସାବିତ୍ରୀ ବିଶ୍ୱାଳ, କଳ୍ପନା ରାଉତ, ଶିବ ରାଠୋର, ପୂର୍ବତନ ଜିଲା ସଭାପତି ଅଶ୍ୱିନୀ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, କାଉନ୍‌ସିଲର ପ୍ରିୟବ୍ରତ ଜେନା, ପ୍ରିୟଙ୍କା ସିଂ, ବବିତା ରାମ, ଅଜୟ ପାତ୍ର, ଦୁର୍ଗା ବାରିକଙ୍କ ସମେତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ କଂଗ୍ରେସର ପୁରୁଖା ନେତା ସୋମନାଥ ସାହୁ ଓ ତାଙ୍କର ୧୦ଜଣ ସହଯୋଗୀଙ୍କ ସହିତ ଭାଜପାର ଯୋଗଦେଇଥିଲେ।



କାର୍ଯ୍ୟକାରିଣୀରେ ଉପସ୍ଥିତ ଅତିଥିମାନେ।

## ବାରିପଦାରେ ଜିଏସ୍‌ଟି ଚଢ଼ାଉ

ବାରିପଦା ଅଫିସ,୧୮।୧୧

ମୟୂରଭଞ୍ଜ ଜିଲା ବାରିପଦା ସହରର ବିଶିଷ୍ଟ ବ୍ୟବସାୟୀ ବଳରାମ ସାହୁଙ୍କ ଦୋକାନରେ ଶୁକ୍ରବାର ବାରିପଦା ଜିଏସ୍‌ଟି ବିଭାଗର ଏନଫୋର୍ସମେଣ୍ଟ ଟିମ୍ ଚଢ଼ାଉ କରିଛି। ଏକ ସଙ୍ଗରେ ୨ଟି ବ୍ୟବସାୟ ପ୍ରତିଷ୍ଠାନ, ଘର ଓ ଗୋଦାମ ଗୃହକୁ ମିଶାଇ ୬ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ବ୍ୟବସାୟୀ ଜଣକ ଏଫ୍‌ଏମ୍‌ସିଜି ପ୍ରଡକ୍ଟର ପାଇକାରୀ ବ୍ୟବସାୟ କରିବା ସହିତ ବାଣ,ରାଖୀ, ହୋଲି ଭଳି ସିଜିନ ବ୍ୟବସାୟ କରିଥାନ୍ତି। ତେବେ ସେ କୋଟି କୋଟି ଟଙ୍କାର ବ୍ୟବସାୟ କରି ଟିକସ ଫାଙ୍କୁଥିବା ଜାଣି ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ତେବେ ଚଢାଉ ପରେ ପ୍ରକୃତ ତଥ୍ୟ ପ୍ରଦାନ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି।

# ଭାରିଯାନ ଚଳାଚଳରେ ରୋକ୍

## ବୈତରଣୀ ସେତୁ ସ୍ଥାନ ଦବିବା ଘଟଣା

ଆନନ୍ଦପୁର,୧୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବୈତରଣୀ ସେତୁ ଉପରେ ଭାରିଯାନ ଚଳାଚଳ ଉପରେ ରୋକ୍ ଲାଗିଛି। ଘଟଗାଁସ୍ଥିତ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଅଫ ଇଞ୍ଜିନିୟରଙ୍କ ଚିଠି ନଂ. ୬୭୮୦/୧୪ ନଭେମ୍ବର ୨୦୨୨ରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଆନନ୍ଦପୁର ଉପଜିଲାପାଳଙ୍କୁ ଅବଗତ କରାଯାଇଛି। ଏହା ସହିତ କେନ୍ଦୁଝର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ଘସିପୁରା ଓ ଆନନ୍ଦପୁର ଥାନା ଅଧିକାରୀ, ଆନନ୍ଦପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏବଂ ମୁଖ୍ୟ ଯନ୍ତ୍ରୀ (ଡିପିଆଇ ଏଣ୍ଡ ରୋଡସ୍) ଓଡ଼ିଶାଙ୍କ ଅବଗତି ନିମନ୍ତେ ଜଣାଯାଇଛି।

ଆନନ୍ଦପୁର ବୈତରଣୀ ସେତୁର ୬ ନଂ. ପିଲାର ବ୍ୟାରିଂରେ ତ୍ରୁଟି ପରିଲକ୍ଷିତ ହେବାରୁ ସ୍ଥାନ ଦବି ଦୁର୍ବଳ ଅବସ୍ଥାରେ ରହିଛି। ଏଥିରେ ଓଭର ଲୋଡ୍ ବାଲି ବୋଝେଇ ହାଇୱା ସହିତ ଅନ୍ୟ ଭାରିଯାନ ଚଳାଚଳ ବୃଦ୍ଧି ପାଉଥିବାରୁ ଆଗକୁ ବିପଦ ଆଶଙ୍କା ରହିଥିବା ଚିଠିରେ ଦର୍ଶାଯାଇଛି। ଏହି କ୍ରମରେ ସେତୁର ମରାମତି କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଆନନ୍ଦପୁର ଉପଜିଲାପାଳଙ୍କୁ କୁହାଯାଇଛି। ସୂଚନାଯୋଗ୍ୟ, ସେତୁର ସ୍ଥାନ ଦବିବା ନେଇ ଅକ୍ଟୋବର ୨୨ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇଥିଲା। ପଦକ୍ଷେପ ଗ୍ରହଣ ପାଇଁ ଆନନ୍ଦପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୮୦୮/୪ ନଭେମ୍ବର ୨୦୨୨ରେ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଥିଲା।


ଦବିଥିବା ପୋଲ।

# ଡିସେମ୍ବର ୨୮ରୁ ଖୋଲିବ ମଣ୍ଡି



ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ବିଧାୟକମାନେ।

ଭଦ୍ରକ ଅଫିସ, ୧୮।୧୧

ଆସନ୍ତା ଡିସେମ୍ବର ୨୮ରୁ ଭଦ୍ରକ ଜିଲାରେ ଧାନମଣ୍ଡି ଖୋଲିବ। ୯୬ ସୋସାଇଟି ଓ ୫୭ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସମୁଦାୟ ୧୫୩ ମଣ୍ଡିରେ ଧାନ କିଣାଯିବା ନେଇ ଜିଲା ପରିଷଦ ସମ୍ମିଳନୀ ଗୃହରେ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ସୂଚନା ଦିଆଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଚାନ୍ଦବାଲି ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପିଙ୍କ ପ୍ରତିନିଧି ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ପ୍ରୀତିମୟ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଚଳିତବର୍ଷ କ୍ରୟ ନିମନ୍ତେ ସାଧାରଣ ଏଫ୍‌ଏକ୍ୟୁ ମାନର ଧାନ ପାଇଁ ସରକାରୀ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଓ ଗ୍ରେଡ୍ ଏ (ଏଫ୍‌ଏକ୍ୟୁ) ଲାଗି ୨୦୬୦ ଟଙ୍କା ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଛି। ପୂର୍ବରୁ ମିଲରମାନେ ମଣ୍ଡିରୁ ଧାନ ନେଉଥିବା ବେଳେ ଚଳିତବର୍ଷ ମଣ୍ଡିରୁ ମିଲରମାନଙ୍କ ପାଖକୁ ଧାନ ପରିବହନ ପାଇଁ ଟେଣ୍ଡର ପ୍ରକ୍ରିୟାରେ ଠିକାଦାରମାନଙ୍କୁ ନିୟୋଜିତ କରାଯିବ। ଧାନ ବିକିବା ଲାଗି ଜିଲାରେ ସମୁଦାୟ ୯୦,୫୨୩ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ବାସୁଦେବପୁର ବ୍ଲକର ସର୍ବାଧିକ ୧୭,୨୫୦ ଓ ଧାମନଗର ବ୍ଲକର ସର୍ବନିମ୍ନ ୭,୦୧୭ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୩,୫୨,୩୫୨.୯୪ କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨ୟ ଓ ୩ୟ ପର୍ଯ୍ୟାୟରେ ଆଉ ଟାର୍ଗେଟ ଆସିପାରେ ବୋଲି କୁହାଯାଇଛି।

୮୦ ପ୍ରତିଶତ କ୍ଷୁଦ୍ର ଚାଷୀ ଓ ୨୦ ପ୍ରତିଶତ ବୃହତ୍ ଚାଷୀଙ୍କଠାରୁ ଧାନକ୍ରୟ କରାଯିବ। ଏହାର ସୁପରିଚାଳନା ପାଇଁ ଜିଲାସ୍ତରୀୟ କମିଟି ଗଠନ ଓ ଧାନକ୍ରୟ ଅବଧି ମଧ୍ୟରେ ବା ପୂର୍ବରୁ ଆବଶ୍ୟକ ଅନୁଯାୟୀ ବୈଠକ ଆୟୋଜନ ନିମନ୍ତେ ସିଦ୍ଧାନ୍ତ ନିଆଯାଇଛି। ଜିଲାର ୧୦୮ ସମବାୟ ସମିତି ମଧ୍ୟରୁ ମାତ୍ର ୪୩ଟିରେ ନିଜସ୍ୱ ଗୋଦାମ ଅଛି। ଅନ୍ୟ ସମିତିଗୁଡ଼ିକରେ ଗୋଦାମ ନାହିଁ। ଧାନବସ୍ତା ରଖିବାକୁ ମଣ୍ଡି ନିକଟରେ ଗୋଦାମ ନ ଥିବା ବନ୍ତ ବ୍ଲକର ଚାଷୀ ନୃସିଂହ ପରିଡ଼ା ବୈଠକରେ ଅଭିଯୋଗ କରିଥିଲେ। ଗତବର୍ଷ ବିକ୍ରି ସମୟରେ ଲଗାଣ ବର୍ଷାରେ ଧାନ ଭିଜି ଗଜା ହୋଇଯାଇଥିଲା। ଗଜା ଧାନକୁ କୁଇଣ୍ଟାଲ ପ୍ରତି ୮ଶହ/୯ଶହ ଟଙ୍କାରେ ବିକ୍ରି କରିବାକୁ ଚାଷୀମାନେ ବାଧ୍ୟ ହୋଇଥିଲେ। ଏଥର ଧାନବସ୍ତା ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି। ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଏଆର୍‌ସିଏସ୍ ସଦାନନ୍ଦ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ, ମିଲର ଓ ଚାଷୀ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

- ୧୫୩ ମଣ୍ଡିରେ କିଣାଯିବ
- ଗୋଦାମ ନିର୍ମାଣ ଦାବି କଲେ ଚାଷୀ

## ରାଜମିସ୍ତ୍ରିଙ୍କ ସମ୍ମିଳନୀ

ଢେଙ୍କିକୋଟ,(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ତାରିଣୀ ଏଜେନ୍ସି ପକ୍ଷରୁ ଅଞ୍ଚଳର ରାଜମିସ୍ତ୍ରିମାନଙ୍କୁ ନେଇ ଶୁକ୍ରବାର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଡାଲମିଆ ସିମେଣ୍ଟ କମ୍ପାନୀର ଟେକ୍ନିକାଲ ଇଞ୍ଜିନିୟର ରାଜେଶ ବେହେରା ଯୋଗଦେଇ ୫୦ରୁ ଊର୍ଦ୍ଧ୍ୱ ରାଜମିସ୍ତ୍ରିଙ୍କୁ ଗୃହ ନିର୍ମାଣରେ ସିମେଣ୍ଟର ଉପକାରିତା ଓ ମାନ ବିଷୟରେ ବୁଝାଇଥିଲେ। ଶେଷରେ ଏଜେନ୍ସିର ଧରଣୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଜି କ'ଣ କେଉଁଠି

ବାଲେଶ୍ୱର

- ୮ତମ ସକ୍ଷମ ଉଦ୍‌ଘାଟନ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପାଟଣା ବିଡିଓ ହେଲେ ବାରିପଦା ଉପ ଜିଲାପାଳ

ପାଟଣା(ସ୍ୱ.ପ୍ର.)/ ବାରିପଦା ଅଫିସ,୧୮।୧୧: କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ଈଶ୍ୱରଚନ୍ଦ୍ର ନାଏକଙ୍କ ଶୁକ୍ରବାର ମୟୂରଭଞ୍ଜ ଜିଲା ବାରିପଦାର ଉପଜିଲାପାଳ ଭାବେ ବଦଳି ହୋଇଛି। ସାଧାରଣ ପ୍ରଶାସନ ଓ ଜନକଲ୍ୟାଣ ବିଭାଗ ତରଫରୁ ଏ ନେଇ ଆଡିସ୍‌ନାଲ ସେକ୍ରେଟାରୀ ଏସ୍‌ଏନ୍ ସାହୁ ପତ୍ର ନଂ. ୩୨୬୫୩/ ଏସ୍‌ସିଏସ୍‌ରେ ଆଦେଶ ଜାରି କରିଛନ୍ତି। ସେ ପୂର୍ବରୁ ପଦୋନ୍ନତି ପାଇଥିଲେ।

## ଆଜି ବିଇଓ ଅଫିସ ଘେରିବ ଶିକ୍ଷକ ସଂଘ

ଗୋପବନ୍ଧୁ ନଗର,୧୮।୧୧ (ଡି.ଏନ.ଏ.)- ୩ ଦଫା ଦାବି ନେଇ ଶନିବାର ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ଗୋପବନ୍ଧୁ ନଗର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯିବ। ଏନେଇ ସଂଘର ସଭାପତି ପ୍ରିୟବ୍ରତ ବାରିକଙ୍କ ଅଧକ୍ଷତାରେ ଗୁରୁବାର ଡମ୍ବରୁଡିହି ବିଦ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ପ୍ରଦାନ କରାଯିବ ବୋଲି ସଂଘର ସମ୍ପାଦକ ସୁକାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ବୈଠକରେ ଭାଗିରଥୀ ପରିଡା, ଅନୀଲ କୁମାର ପଣ୍ଡା, କମଳାକାନ୍ତ ବେହେରା, ସର୍ବେଶ୍ୱର ନାୟକ, ହିମାଂଶୁ ଆଚାର୍ଯ୍ୟ, ପ୍ରେମଲତା ବେହେରା, ବୈଜୟନ୍ତୀ କର ପ୍ରମୁଖ ବହୁ ଶିକ୍ଷୟତ୍ରୀ, ଶିକ୍ଷକ ଯୋଗ ଦେଇଥିଲେ।

## ପଙ୍କଜିନୀ ଏମ୍‌ସିସି ବ୍ୟାଙ୍କ ଉପ ସଭାପତି ନିର୍ବାଚିତ

ବାରିପଦା ଅଫିସ,୧୮।୧୧- ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଏମ୍‌ସିସି)ର ଉପସଭାପତି ଭାବେ ପଙ୍କଜିନୀ ନାୟକ ଗୁରୁବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଗୁରୁବାର ବ୍ୟାଙ୍କର ଉପସଭାପତି ପଦ ପାଇଁ ନାମାଙ୍କନ ପତ୍ର ଦାଖଲ ଦିନ ଧାର୍ଯ୍ୟ ରହିଥିଲା। ତେବେ ବ୍ୟାଙ୍କର ସମସ୍ତ ୧୫ଜଣ ନିର୍ଦ୍ଦେଶକ ବିଜେଡି ସମର୍ଥିତ ହୋଇଥିବାରୁ ସଭାପତି ଭଳି ଉପସଭାପତି ନିର୍ବାଚନ ଆଶା କ୍ଷୀଣ ରହିଥିଲା। ତେବେ ପଙ୍କଜିନୀଙ୍କ ନାମ ସର୍ବସମ୍ମତ ଭାବେ ଚୂଡ଼ାନ୍ତ ହେବା ପରେ ସେ ଦଳୀୟ ନେତୃବୃନ୍ଦଙ୍କ ଗହଣରେ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ପଙ୍କଜିନୀ ପୂର୍ବରୁ ରରୁଆଁ ବ୍ଲକର ଅଧକ୍ଷା ଭାବରେ ୨ଥର ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି।

## ବିଜେଡିର ସାଙ୍ଗଠନିକ ବୈଠକ

ଭଦ୍ରକ ଅଫିସ, ୧୮।୧୧- ଭଦ୍ରକସ୍ଥିତ ବିଜେଡି କାର୍ଯ୍ୟାଳୟରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବନ୍ତ ବ୍ଲକର ସମସ୍ତ ପଞ୍ଚାୟତସ୍ତରୀୟ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ସାଙ୍ଗଠନିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ରାଜ୍ୟ ବିଜେଡି ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଯେନା, ସଭ୍ୟା ରୁନିତା ଦାସ, ମୁନି ମୁଣ୍ଡା, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ଯୁବ ସଭାପତି ବିପିନ ନାୟକ, ସତ୍ୟସାଧନ ବେଜ, ରାଜ୍ୟ ଛାତ୍ର ଉପସଭାପତି ଚିନ୍ମୟ ଦାସ, ବ୍ଲକ ଛାତ୍ର ସଭାପତି ପ୍ରଣବ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣା ଗ୍ରସ୍ତ ଟ୍ରକ୍‌ରେ ପିଟିହେଲା ଟ୍ରେଲର

ଠାକୁରମୁଣ୍ଡା/ ଆନନ୍ଦପୁର,୧୮।୧୧(ଡି.ଏନ.ଏ./ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଗୋଡ଼ଭଙ୍ଗା ଘାଟି ବାଙ୍କ ରାସ୍ତାରେ ଓଲଟି ପଡ଼ି ରହିଥିବା ଏକ ବାଉଁଶ ବୋଝେଇ ଟ୍ରକ୍ ଉପରେ ଶୁକ୍ରବାର ଗୋଟିଏ ଟ୍ରେଲର ପିଟିହୋଇ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରେଲର ଡ୍ରାଇଭର ଗୁରୁତର ହୋଇଛନ୍ତି। ଟ୍ରକ୍ ତଳେ ଚାପି ହୋଇ ରହିଥିବା ଡ୍ରାଇଭରଙ୍କୁ ଠାକୁରମୁଣ୍ଡା ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଠାକୁରାଣୀ ଶାଳ ଘାଟି ବାଙ୍କ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଉପରେ ଶୁକ୍ରବାର ଟ୍ରେଲର ଚଢ଼ି ଯାଇ ଓଲଟି ପଡ଼ିଥିଲା।

# 'ଭାଇଚାରା ସୃଷ୍ଟି କରେ ବନ୍ଧୁମିଳନ'

ନୀଳଗିରି,୧୮।୧୧(ସ୍ୱ.ପ୍ର)

ମହାମାରୀ କରୋନାର ପ୍ରକୋପରେ ଦୀର୍ଘ ଦୁଇ ବର୍ଷ ଅନ୍ତରାଳରେ ନୀଳଗିରି ଡାକବଙ୍ଗଳା ପରିସରରେ ଶୁକ୍ରବାର ବିଜୟା ବନ୍ଧୁମିଳନ ସମାରୋହ ଆୟୋଜିତ ହୋଇଥିଲା। ବିଜୟା ବନ୍ଧୁମିଳନ ସମାରୋହ ଦ୍ୱିତୀୟ ପର୍ଯ୍ୟାୟ ସନ୍ଧ୍ୟା କାର୍ଯ୍ୟକ୍ରମରେ କେନ୍ଦ୍ର ଜଳ ଶକ୍ତି ଏବଂ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଅସ୍ତ୍ରପୂଜନ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମାରୋହ କମିଟି ତରଫରୁ ମୁଖ୍ୟଅତିଥି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, କମିଟି ଉପଦେଷ୍ଟା ତଥା ଆବାହକ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

କେନ୍ଦ୍ରମନ୍ତ୍ରୀ ଟୁଡୁ ତାଙ୍କ ବକ୍ତବ୍ୟରେ ଭାଇଚାରା ମାଧ୍ୟମରେ ନୂତନ ବନ୍ଧୁତ୍ୱ ସୃଷ୍ଟି କରିଥାଏ ବୋଲି ମତ ରଖିଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜ ଅଭିଭାଷଣରେ ହିଂସା ଦ୍ୱେଷ ଭୁଲି ଏକତାର ସୂତ୍ରରେ ବାନ୍ଧି ହୋଇ ରହିପାରିଲେ ସମାରୋହ ସାର୍ଥକ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ ତ୍ରିପାଠୀ ଉପସ୍ଥିତ ରହି ଏଭଳି ସମାରୋହ ଆୟୋଜନ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆଇନଜୀବୀ କାର୍ତ୍ତିକ ଜେନା ମଞ୍ଚ ପରିଚାଳନା କରିଥିଲେ। ଦିନ ତମାମ୍ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା ଯୋଗାଭ୍ୟାସ, ଆଦିବାସୀ ନୃତ୍ୟ, ଭାରତ ନାଟ୍ୟମ, ଓଡ଼ିଶୀ ନାଚ, ସମ୍ବଲପୁରୀ ନାଚ, ମାଲଖମ୍ବ, ଗୋଟିପୁଅ ନାଚ, କରକଟମ, ଭଜନ ସନ୍ଧ୍ୟା, ଶସ୍ତ୍ରପୂଜନ, ଦୁର୍ଗାମାତା ଓ ଭାରତମାତା ପୂଜନ, ବାଳିକା ମାନଙ୍କ ଦ୍ୱାରା ସଶସ୍ତ୍ର ପ୍ରଦକ୍ଷିଣ, କୁମାରୀ ପୂଜନ, ଧର୍ମ ସଭା, ସମ୍ବର୍ଦ୍ଧନା, ବନ୍ଧୁମିଳନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ପାଖାପାଖି ୫ ହଜାରରୁ ଅଧିକ ଜନସମାଗମ ହୋଇଥିଲା। ଚନ୍ଦ୍ରବିନ୍ଦୁ ଦାସ, ତାପସ କୁମାର ମହାନ୍ତି, କରୁଣାକର ପଣ୍ଡା, ଉପେନ୍ଦ୍ର ଦାସ, ମନୋରଞ୍ଜନ ବେହେରା, ପ୍ରଫୁଲ୍ଲ ଦଳେଇ, ପ୍ରବୀଣ ନାୟକ, ଅନନ୍ତ ଗିରି, ବଳରାମ ବିଶ୍ୱାଳ, ବଇରାଗୀ ବେହେରା, ବସନ୍ତ ବିଶ୍ୱାଳ, ଡ. ପ୍ରକାଶ ମହାପାତ୍ର, ମାର୍ତ୍ତଣ୍ଡ ମହାପାତ୍ର, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।



ସମାରୋହରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ଏବଂ ବିଧାୟକ ସୁକାନ୍ତ କୁମାର ନାୟକ।

## ସୁବର୍ଣ୍ଣରେଖା କୃଷକ ଉତ୍ପାଦକ ସଙ୍ଗଠନର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଗଞ୍ଜା ଗ୍ରାମରେ ସୁବର୍ଣ୍ଣରେଖା କୃଷକ ଉତ୍ପାଦକ ସଙ୍ଗଠନର ସପ୍ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାବାର୍ଡ଼ର ଜିଏମ୍‌ଭି ବାଲା ସୁବ୍ରମନ୍ୟମ, ବାଲିଆପାଳ ବିଡିଓ ବିନୋଦ ପଣ୍ଡା, ତହସିଲଦାର ଦୀପକ କୁମାର ଦାସ, ବାଲେଶ୍ୱର କୃଷିବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ ଯୋଗଦେଇ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଉଚିତ୍ ମୂଲ୍ୟରେ ବିକ୍ରି କରିପାରିବେ ଏବଂ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ମିଳୁଥିବା ସୁବିଧାସୁଯୋଗର ଲାଭ ଉଠାଇପାରିବେ ଏନେଇ ବକ୍ତବ୍ୟ ଦେଇଥିଲେ। ୨୦୧୬ ମସିହାରୁ ସୁବର୍ଣ୍ଣରେଖା କୃଷକ ଉତ୍ପାଦକ ସଙ୍ଗଠନ ଚାଷୀମାନଙ୍କ ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିଆସୁଥିବା ବେଳେ ଏଥିରେ ବାଲିଆପାଳ ଏବଂ ବସ୍ତା ବ୍ଲକର ୧୦୪୩ ଜଣ ଚାଷୀ ସଦସ୍ୟ ରହିଛନ୍ତି। ସୁବର୍ଣ୍ଣରେଖା କୃଷକ ଉତ୍ପାଦକ ସଙ୍ଗଠନର ପରିଚାଳନା ନିର୍ଦ୍ଦେଶକ ନବକୁମାର ଦାସ ଏବଂ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜଦୀପ ଦାସ ଯୋଗଦେଇ ଆଗାମୀ ଦିନରେ ଆହୁରି ଅଧିକ ଚାଷୀଙ୍କୁ ଏହି ସଙ୍ଗଠନରେ ଯୋଡ଼ିବା ସହ କିପରି ଚାଷୀମାନଙ୍କର ଉନ୍ନତି ହୋଇପାରିବ ସେନେଇ ଆଲୋଚନା କରିଥିଲେ।

# ଭାଗ ନେଲେ ୨୨ ଜିଲାର ଖେଳାଳି




ବଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବରେ ଅତିଥିଗଣ।

ବାଲେଶ୍ୱର ଅଫିସ, ୧୮।୧୧

**ରାଜ୍ୟସ୍ତରୀୟ ବଲ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ**

ବାଲେଶ୍ୱର ଜିଲା ବଲ୍ ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୩୦ତମ ରାଜ୍ୟସ୍ତରୀୟ ସିନିଅର ବର୍ଗ ବଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଶ୍ରୀନିକ୍ସ କଲେଜ ଅଫ ଇଞ୍ଜିନିୟରିଂ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଅଲମ୍ପିକ ଆସୋସିଏଶନର ସମ୍ପାଦକ ଅଧିପ ଦାସ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ ବିଭିନ୍ନ ଜିଲାରୁ ଆସିଥିବା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବଲ୍ ବ୍ୟାଡ଼ମିଣ୍ଟନକୁ ରାଜ୍ୟ ଅଲମ୍ପିକ ଆସୋସିଏଶନ ପକ୍ଷରୁ ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ଜିଲାସ୍ତରୀୟ ସଂଘମାନେ ଅନୁବନ୍ଧିତ ହେବାକୁ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ବଲ୍ ବ୍ୟାଡମିଣ୍ଟନ ଖେଳକୁ ପ୍ରୋତ୍ସାହନ ପାଇଁ ଜିଲା କ୍ରୀଡ଼ା ସଂଘ ସବୁପ୍ରକାର ସହଯୋଗ ପ୍ରଦାନ ନିମନ୍ତେ ଦାସ ପ୍ରତିଶ୍ରୁତି ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲା ବଲ ବ୍ୟାଡ଼ମିଣ୍ଟନ ଆସୋସିଏଶନ ସଭାପତି ରଜନୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରେଫେରୀ ତଥା ଜିଲା ବଲ ବ୍ୟାଡ଼ମିଣ୍ଟନ ଆସୋସିଏଶନ ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ଯୁବ ଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ହାରଜିତ୍‌କୁ ପଛରେ ପକାଇ ଖେଳୁଆଡ ମନୋଭାବ ନେଇ ଖେଳିବାକୁ ପରାମର୍ଶ ଦେଇଥିଲେ। କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭା ବିକାଶର ସୁଯୋଗ ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ଯୁବନେତା ମାନସ କୁମାର ଦତ୍ତ, ଶ୍ରୀନିକ୍ସ କଲେଜ ଅଫ ଇଞ୍ଜିନିୟରିଂ ଅଧକ୍ଷ ଡ. ଯଶୋବନ୍ତ କୁମାର ମହାନ୍ତି, ଓଡ଼ିଶା ବଲ ବ୍ୟାଡମିଣ୍ଟନ ଆସୋସିଏଶନ ରାଜ୍ୟ ସମ୍ପାଦକ ସୁକାନ୍ତ କୁମାର ଦାସ ପ୍ରମୁଖ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୨୨ ଜିଲାରୁ ଆସିଥିବା ଖେଳାଳିମାନେ ମାର୍ଚ୍ଚପାଷ୍ଟରେ ଅଂଶଗ୍ରହଣ କରିଥିଲେ। ପରେ ବିଭିନ୍ନ ଜିଲାର ଟିମ୍‌ମାନଙ୍କ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ମ୍ୟାଚ୍ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ମୋଟ ୨୨ଟି ମ୍ୟାଚ ଖେଳାଯାଇଥିଲା। ନ୍ୟାଶନାଲ ରେଫେରୀ ଫାଗୁରାମ ମାରାଣ୍ଡି, ବିଶ୍ୱଜିତ ପଣ୍ଡା, ଅଜୟ କୁମାର ସାହୁ, ଲିଙ୍ଗରାଜ ପୃଷ୍ଟି, ହେମନ୍ତ କୁମାର ସାହୁ, ଏସଡି ରେହେମାନ, ସୁରସେନ ବେହେରା, ନିଗମ ମୁଖୀ, ମୀନତି ବାରିକ ପ୍ରମୁଖ ମ୍ୟାଚ ଗୁଡିକୁ ପରିଚାଳନା କରିଥିଲେ। ଏହି ଚାମ୍ପିୟନ୍‌ଶିପ୍‌ରୁ ଚୟନ ହୋଇଥିବା ୧୦ଜଣ ପୁରୁଷ ଓ ୧୦ଜଣ ମହିଳା ଶ୍ରେଷ୍ଠ ଖେଳାଳିମାନେ ଆସନ୍ତା ଡିସେମ୍ବର ୨୫ରୁ କେରଳର କୋଟ୍ଟାୟାମ ଜିଲାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି।

## ବିଦ୍ୟାଳୟରେ ଅନିୟମିତତା, ତଦନ୍ତ କଲେ ବିଇଓ

ଜଳେଶ୍ୱର, ୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ସମ୍ପତ୍ତିଆସ୍ଥିତ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର କେତେକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ପରିଚାଳନା କମିଟିର ବିନା ପରାମର୍ଶରେ ବିଦ୍ୟାଳୟ ପରିସରରୁ କେତେକ ଗଛ କାଟି ବିକ୍ରି କରିଥିବା ଓ କେତେକ ପୁରୁଣା ସରଞ୍ଜାମ ବିକ୍ରି କରିଥିବା ନେଇ ଶିକ୍ଷା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିରେ ପରିଚାଳନା କମିଟି ଉପସଭାପତି ଚନ୍ଦନ ଶତପଥି, ସ୍ନେହଲତା କାମିଲା, ଜୀବନ ପରିଡା, ସୁଶାନ୍ତ କାମିଲା, କନିକା ପରିଡା, ନିରାଶୟ ବେହେରା ଓ ଦୀପ୍ତିମାନ ଆଚାର୍ଯ୍ୟ ପ୍ରମୁଖ ଶିକ୍ଷା ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ଚିଠି ନଂ. ୩୪୦୧ ତା ୧୪।୧୧।୨୨ ଅନୁଯାୟୀ ଜଳେଶ୍ୱର ବିଇଓ ଲଲାଟେନ୍ଦୁ ଜେନା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। କେତେକ ଭଙ୍ଗା ସରଞ୍ଜାମ କବାଡିଆକୁ ବିକ୍ରି ହୋଇଥିବା କୁହାଯାଇଥିବା ବେଳେ କାଠ ଗଣ୍ଡିଗୁଡିକ ସମ୍ପର୍କରେ ବିଭିନ୍ନ ମତପ୍ରକାଶ ପାଇଛି। ପରିଚାଳନା କମିଟି ଏହାର ବିଧିବଦ୍ଧ ତଦନ୍ତ ଦାବି କରିଥିବା ବେଳେ ଆଗାମୀ ଦିନରେ କଣ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ବିଦ୍ୟାପତି ଦେ କହିଛନ୍ତି ବିଦ୍ୟାଳୟ ୫-ଟିରେ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାର ସୌନ୍ଦର୍ଯ୍ୟକରଣ ଲାଗି ଗଛଗୁଡିକୁ କଟାଯାଇଛି।

## ୨୫ରୁ ଭଦ୍ରକ ପୁସ୍ତକ ମେଳା

ଭଦ୍ରକ ଅଫିସ, ୧୮।୧୧

ଆସନ୍ତା ୨୫ ତାରିଖରୁ ୨୨ତମ ଭଦ୍ରକ ପୁସ୍ତକ ମେଳା ଆରମ୍ଭ ହେବ। ଡିସେମ୍ବର ୧ ପର୍ଯ୍ୟନ୍ତ ସାତଦିନ ବ୍ୟାପୀ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଅନୁଷ୍ଠିତ ହେବ। ଏନେଇ ଭାଗବତ କଲ୍ୟାଣ ମଣ୍ଡପରେ ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପୁସ୍ତକ ମେଳା ନିଆରା ଢଙ୍ଗରେ ଆୟୋଜନ ପାଇଁ ପରିକଳ୍ପନା କରାଯାଇଛି। ପ୍ରତ୍ୟେକ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ନାୟକ ପ୍ରକାଶ କରିଛନ୍ତି।

ସର୍ବସମ୍ମତି କ୍ରମେ ନୂତନ ସମ୍ପାଦକ ଭାବେ ରୂପକ ବିହାରୀ ରାୟ ଓ ସଂଯୋଜକ ଭାବେ ମନୋରଞ୍ଜନ ଦାସଙ୍କୁ ମନୋନୀତ କରାଯାଇଛି। ଭଦ୍ରକ ପୁସ୍ତକ ମେଳା କମିଟିର ଦିବଂଗତ ସଭାପତି ସ୍ୱର୍ଗତ ଅପୂର୍ବ ରଞ୍ଜନ ରାୟ, ସମ୍ପାଦକ ସ୍ୱର୍ଗତ ଅକ୍ଷୟ ବାରିକ ଓ ଆବାହକ ସ୍ୱର୍ଗତ ବିଷ୍ଣୁ ସେଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ତିନିଦିନ ଅପୂର୍ବ ସନ୍ଧ୍ୟା, ଅକ୍ଷୟ ସନ୍ଧ୍ୟା ଓ ବିଷ୍ଣୁ ସନ୍ଧ୍ୟା ନାମରେ ଉତ୍ସର୍ଗୀକୃତ ହେବା ସହ ଅନ୍ୟ ଦିନଗୁଡ଼ିକ ଭଦ୍ରକର ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯିବ। ଡ. ରାଧାବିନୋଦ ନାୟକ, ଡ. ଅଭୟ ଦାସ, ବିଜୟ ଦାସ, ମନୀନ୍ଦ୍ର ମହାନ୍ତି, ଡ. କ୍ଷୀରୋଦ କୁମାର ସାମଲ, ବିଶ୍ୱରଞ୍ଜନ ଦାସ, ହୃଦାନନ୍ଦ ପାଣିଗ୍ରାହୀ, ଅମରେନ୍ଦ୍ର ବିଶ୍ୱାଳ ପ୍ରମୁଖ ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ।




ପ୍ରସ୍ତୁତି ବୈଠକରେ ପୁସ୍ତକ ମେଳା କମିଟି ସଭାପତି ଅଜୟ ନାୟକଙ୍କ ସହ କର୍ମକର୍ତ୍ତା।

## ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର

ବୈଶିଙ୍ଗା,୧୮।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବେତନଟୀ ବ୍ଲକ ଅଧୀନ ସନ୍ତରା ପଞ୍ଚାୟତର ଖଇରିବଣି ଆଶ୍ରମ ବିଦ୍ୟାଳୟକୁ ଚଳିତ ଶିକ୍ଷା ବର୍ଷରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ମିଳିଛି। ୧୯୫୧ରେ ସ୍ଥାପିତ ୧୮ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥିତ ଏହି ଆବାସିକ ବିଦ୍ୟାଳୟରେ ୪୩୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଅଧ୍ୟୟନରତ ଅଛନ୍ତି। ବିଦ୍ୟାଳୟର ସ୍ୱଚ୍ଛ ସୁନ୍ଦର ପରିବେଶ, ଉତ୍ତମ ଶିକ୍ଷଣୀୟ ବ୍ୟବସ୍ଥା, ଶିଶୁ କୈନ୍ଦ୍ରୀକ ସାଧନ ସାମଗ୍ରୀ, ଶିଶୁମାନଙ୍କର ବ୍ୟବହାରିକ ପରିବର୍ତ୍ତନ, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ବ୍ୟବସ୍ଥା ତଥା ହାତଧୁଆ ବ୍ୟବସ୍ଥା, କୋଭିଡ୍ ସଚେତନ ବ୍ୟବସ୍ଥା ଏହିପରି ବିଭିନ୍ନ ଦିଗରେ ଉତ୍କର୍ଷତା ଲାଭ କରିଥିବାରୁ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ନଭେମ୍ବର ୧୫ ତାରିଖରେ ରାଜ୍ୟସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ବାବଦରେ ୨୦,୦୦୦ ଟଙ୍କା ବିଦ୍ୟାଳୟକୁ ମିଳିବା ସହିତ ମାନପତ୍ର ମଧ୍ୟ ମିଳିଥିଲା। ଚଳିତ ବର୍ଷ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିଥିମାନଙ୍କଠାରୁ ଖଇରିବଣି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିନୀତା ଦାଶ ମାନପତ୍ର ଏହି ପୁରସ୍କାର ରାଶି ଗ୍ରହଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଗୁରୁଭା ମାଝୀ ଓ ସହକାରୀ ଶିକ୍ଷକ ରତିକାନ୍ତ ମହାନ୍ତ ମଧ୍ୟ ପ୍ରଧାନ ଶିକ୍ଷୟତ୍ରୀଙ୍କ ସହ ଉପସ୍ଥିତ ଥିଲେ।

# ଅସ୍ଥାୟୀ ବନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

କଣ୍ଟିପାଳ,୧୮।୧୧(ଡି.ଏନ.ଏ):

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ହଦଗଡ଼ ରେଞ୍ଜ ଅଧୀନ କାଠକଟା ଫରେଷ୍ଟ ସେକ୍ସନର କାର୍ଯ୍ୟରତ ଅସ୍ଥାୟୀ ବନକର୍ମଚାରୀ ସ୍ଥାୟୀ କରିବା ଦାବିରେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଅସ୍ଥାୟୀ କର୍ମଚାରୀ ସଂଘର ସଭାପତି ପ୍ରଶାନ୍ତ ମହାନ୍ତଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ରତ୍ନାକର ପାତ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ବନ କର୍ମଚାରୀ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ ନ କଲେ ଆସନ୍ତା ୨୬ରେ ଭୁବନେଶ୍ୱର ଗାନ୍ଧୀମାର୍ଗଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।



କଳାବ୍ୟାଜ୍ ପରିଧାନ କରିଥିବା ଅସ୍ଥାୟୀ କର୍ମଚାରୀ।

## ଅଗ୍ନି ବିପନ୍ନ ପରିବାରକୁ ବିଧାୟକଙ୍କ ସହାୟତା

ସାରସକଣା,୧୮।୧୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଜାଲଦା ପଞ୍ଚାୟତ ଅଧୀନ ପୁନସିଆ ଗ୍ରାମର ସୁଶିଲ କୁମାର ସିଂଙ୍କ ଘରେ ଗତ ସୋମବାର ଅପରାହ୍ନରେ ନିଆଁ ଲାଗି ୩ ବଖରା ସମ୍ପୂର୍ଣ୍ଣ ଜଳି ଯାଇଥିଲା। ବୁଧବାର ସନ୍ଧ୍ୟାରେ ସାରସକଣା ବିଧାୟକ ଡା. ବୁଦ୍ଧାନ ମୁର୍ମୁ ବିପନ୍ନ ପରିବାରକୁ ଭେଟି ଆର୍ଥିକ ସହାୟତା ଦେବା ସହ ସମବେଦନା ଜଣାଇଛନ୍ତି। ଆଗକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଭାଜପାର ବରିଷ୍ଠ ସଦସ୍ୟ ଟୁଲୁ ନନ୍ଦ, ସୁନୀଲ ମିଶ୍ର ଓ ଆଇନଜୀବୀ ସୁଶାନ୍ତ ପାଢୀ ପ୍ରମୁଖ ବିଧାୟକଙ୍କ ସହିତ ବିପନ୍ନ ପରିବାରକୁ ଭେଟିଥିଲେ।



ବିପନ୍ନ ପରିବାର ସହ ବିଧାୟକ ଡା. ବୁଦ୍ଧାନ ମୁର୍ମୁ ଓ ଅନ୍ୟମାନେ।

## ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

ବାଲିଆପାଳ, ୧୮।୧୧(ସ୍ୱ.ପ୍ର.)

ସଂସ୍କୃତ ଭାରତୀ ଉତ୍କଳ ପ୍ରାନ୍ତ ପକ୍ଷରୁ ଦୀର୍ଘ ୧୫ ଦିନ ଧରି ବାଲିଆପାଳ ବ୍ଲକ ସ୍ଥିତ ଦୁର୍ଗାପ୍ରସନ ମହାବିଦ୍ୟାଳୟ ଓ ପଞ୍ଚୁପାଲି କୁନ୍ତଳା କୁମାରୀ ଦୁଇ ମହାବିଦ୍ୟାଳୟରେ ଚାଲିଥିବା ସଂସ୍କୃତ ସମ୍ଭାଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦୁର୍ଗାପ୍ରସନ୍ନ ମହାବିଦ୍ୟାଳୟର ପ୍ରଚାର୍ଯ୍ୟ ଦୁର୍ଗାଶଙ୍କର ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ସଭାରେ କୁନ୍ତଳା କୁମାରୀ ମହାବିଦ୍ୟାଳୟର ସହକାରୀ ଅଧ୍ୟାପକ ଡ. ଲକ୍ଷ୍ମୀକାନ୍ତ ରଥ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସଂସ୍କୃତ ଭାଷା ଭାରତକୁ ବିଶ୍ୱରେ ଗୁରୁ ରୂପେ ପରିଚୟ ଦେଇପାରିବ। କୁନ୍ତଳା କୁମାରୀ ମହାବିଦ୍ୟାଳୟ ଅଧ୍ୟାପିକା ଦୁର୍ଗାମଣି ଗିରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଅନସୂୟା ସଭା ସଞ୍ଚାଳନ କରିଥିଲେ। ସଂସ୍କୃତ ଭାରତୀର ବିସ୍ତାରକ ଅଜୟ କୁମାର ଦତ୍ତ ସଙ୍ଗଠନର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଭାଗୀୟ ଜିଲା ସଂଯୋଜିକା ବାଣେଶ୍ୱରୀ ଜେନା ଉପସ୍ଥିତ ରହିଥିଲେ।

# ଭଙ୍ଗା ଘରେ ଚାଲିଛି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

**ଝୁଲି ରହିଛି ସିଲିଂ, ବର୍ଷାଦିନେ ପାଣି ଗଳୁଛି**

ଚମ୍ପୁଆ,୧୮।୧୧(ଡି.ଏନ.ଏ)

ସରକାରୀ ସ୍ତରରେ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଛି। ସରକାର ୫-ଟି ଯୋଜନାରେ ବିଦ୍ୟାଳୟର ଉନ୍ନତି ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ଚମ୍ପୁଆ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଭଙ୍ଗା ଘରେ ଚାଲିଛି। ସିଲିଂ ଭାଙ୍ଗି ଝୁଲି ରହିଥିବା ବେଳେ ବର୍ଷା ଦିନେ ପାଣି ଗଳୁଛି। ବିପଦ ସଙ୍କୁଳ ଅବସ୍ଥାରେ ଅଧିକାରୀ କାର୍ଯ୍ୟ କରୁଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନି।

ସୂଚନା ମୁତାବକ, ୧୯୭୭ ମସିହାରେ ଏହି କାର୍ଯ୍ୟକାଳୟ ଆରମ୍ଭ ହୋଇଥିଲେ ହେଁ ଭଡ଼ାଘରେ ଚାଲିଆସୁଥିଲା। ୨୦୧୪ ମସିହାରେ ତତ୍‌କାଳିନ ଉପଜିଲାପାଳ ଚୁଡ଼ାମଣୀ ସେଠ କାର୍ଯ୍ୟାଳକୁ ପୁରୁଣା ବାଳିକା ଉ.ପ୍ରା ବିଦ୍ୟାଳୟକୁ ସ୍ଥାନାନ୍ତର କରିଥିଲେ। ପୂର୍ବରୁ ଏହା ଡି.ଆଇ କାର୍ଯ୍ୟାଳୟ ରହିଥିବା ବେଳେ ବର୍ତ୍ତମାନ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଭାବେ ପରିଚିତ। ରକ୍ଷଣାବେକ୍ଷଣ ଅଭାବରୁ ଅଧିକାରୀଙ୍କ ପ୍ରକୋଷ୍ଠର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅଧିକାରୀଙ୍କ ମୁଣ୍ଡ ଉପରେ ସିଲିଂ ଭାଙ୍ଗି ଝୁଲି ରହିଛି। ବର୍ଷାଦିନରେ ଅବସ୍ଥା ଆହୁରି ଶୋଚନୀୟ ହୋଇପଡ଼େ। ପ୍ରକୋଷ୍ଠ ଗୁଡ଼ିକରେ ପାଣି ଗଳୁଥିବା ବେଳେ କାର୍ଯ୍ୟାଳୟ ପରିସର କୃତ୍ରିମ ଜଳାଶୟରେ ପରିଣତ ହୋଇଯାଏ। ଏ ନେଇ ବ୍ଲକ୍ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ କହିଛନ୍ତି ଯେ, ଆମେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ। ମାତ୍ର କାମ ହେଉନାହିଁ। ଫଳରେ ବିପଦସଙ୍କୁଳ ଅବସ୍ଥାରେ ଅଫିସ କାର୍ଯ୍ୟ କରିବାକୁ ବାଧ ହେଉଛୁ ବୋଲି ସେ କହିଛନ୍ତି।




ଭଙ୍ଗାଘରେ ବସି କାର୍ଯ୍ୟକରୁଛନ୍ତି ବ୍ଲକ୍ ଶିକ୍ଷାଧିକାରୀ।

